Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 9
Friday, 13 March 2026
Balasore, Page : 8, ₹ 2/
ବାଲେଶ୍ୱର, ଶୁକ୍ରବାର, ୧୩ ମାର୍ଚ୍ଚ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

# ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ?
ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

# ସାରା ଦେଶରେ ଏଲ୍‌ପିଜି ଗ୍ୟାସ ପାଇଁ ଲମ୍ବା ଧାଡି

ନୂଆଦିଲ୍ଲୀ : ସାରା ବିଶ୍ୱରେ ଯୁଦ୍ଧ ଏବଂ ବୃଦ୍ଧି ପାଉଥିବା ଆନ୍ତର୍ଜାତୀୟ ରତେଜନା ଯୋଗୁଁ, ଘରୋଇ ଏଲପିଜି ଗ୍ୟାସ ସିଲିଣ୍ଡରର ଚାହିଦା ହଠାତ୍ ବୃଦ୍ଧି ପାଇଛି । ଏହି କାରଣରୁ ହଠାତ ଗ୍ୟାସ୍ ବୁକିଂ କଲି୍ ବହୁ ମାତ୍ରାରେ ବଢି ଯାଇଛି । ମଜି କମ୍ପଟ୍ରୋଲର ସୂଚନା ଅନୁସାରେ, ସାଧାରଣ ଦିନ ତୁଳନାରେ ଏବେ ବୁକିଂ ସିଷ୍ଟମ ପାଇଁ ୮ ରୁ ୧୦ ଗୁଣା କଲ୍ ବୃଦ୍ଧି ପାଇଛି, ଯାହା ଫଳରେ ସିଷ୍ଟମ କିଛି ସମୟ ପାଇଁ ଡାଉନ୍ ହୋଇଯାଇଥିଲା । ଏହି ଯାନ୍ତ୍ରିକ ସମସ୍ୟା ଯୋଗୁଁ, ଅନେକ ଲୋକ ଫୋନ୍, ଆପ୍ ଜିମା ଦ୍ୱେବସାଇଟ୍ ମାଧ୍ୟମରେ ସିଲିଣ୍ଡର ବୁକ୍ କରିପାରିଲେ ନାହିଁ । କିଛି ସହରରେ, ଗ୍ରାହକମାନେ ସିଧାସଳଖ ଗ୍ୟାସ୍ ଏଜେନ୍ସି କାର୍ଯ୍ୟାଳୟକୁ ଯାଇଥିଲେ, ଯାହା ଫଳରେ ଲମ୍ବା ଧାଡ଼ି ଲାଗିଥିଲା । ଓଡ଼ିଶା ସମେତ ଦେଶର ବିଭିନ୍ନ ସ୍ଥାନରୁ ଆସିଲା ଲୋକେ ଗ୍ୟାସ୍ ପାଇଁ ଅପେକ୍ଷା କରିଥିବାର ଚିତ୍ର । କେତେକ ହୋଟେଲରେ ଜାରେଣୀ ପାଇଁ କାଠ ବ୍ୟବହାର କରାଯାଉଛି । ଗ୍ୟାସ୍ ଅଭାବ ଯୋଗୁଁ ବଜାରରେ ଇଣ୍ଡକସନ ଚୁଲାର ବଢିଲା ଚାହିଦା । ଲୋକେ ଅଧିକ ମାତ୍ରାରେ କିଣୁଥିବାରୁ ବଜାରରେ ଏହାର ଅଭାବ ପରିଲକ୍ଷିତ ହେବାରେ ଆଶଙ୍କା କରୁଛନ୍ତି ବ୍ୟବସାୟୀ । LPG ଗ୍ୟାସ୍ ସିଲିଣ୍ଡର ପାଇଁ ଲାଗିଛି ଲମ୍ବା ଲାଇନ୍ । ନେଲ୍ଲୋପଡ଼ା ଜିଲ୍ଲା ରାଜକନିକା ଓ ଆଜି ବୁଲରେ ରନ୍ଧନ ଗ୍ୟାସ କାର୍ଯ୍ୟାଳୟ ଆଗରେ ଲୋକଙ୍କ ଲମ୍ବା ଲାଇନ । କିଛି ଗ୍ୟାସ୍ ନେଉଛନ୍ତି ଆଉ କିଛି ବୁକିଂ ହୋଇଥିବେ ବି ଫେରିଲି ଯାଉଛନ୍ତି । ଲୋକଙ୍କ ଅଭିଯୋଗ, ତଡ଼ା ଦରରେ ଗ୍ୟାସ୍ ବିକ୍ରି ହେଉଛି । ବାଲେଶ୍ୱରରେ

ହୋଟେଲ ଓ ରେଷ୍ଟୁରାଂଟ ଗୁଡ଼ିକରେ କାଠରେ ରୋଷେଇ ହେଉଛି । ଗ୍ୟାସର ବ୍ୟବହାର କରିବା ସମ୍ଭବ ହେଉନାହିଁ । ଗ୍ୟାସର ଅଳ୍ପ ବ୍ୟବହାର ଫିପରି କରାଯାଇ ରୋଷେଇ ହେବ ସେ ଦିଗରେ ଗୁରୁତ୍ୱ ଦିଆଯାଇଛି । ଓଜାନର ବ୍ୟବହାର କରାଯାଉଛି । ଲାଜିଜି ନା ଏବେ ଖରାଦ ସର୍ଟେଜ ଅଛି ବୋଲି ହୋଟେଲ ମାଲିକ କହିଛନ୍ତି । LPG ଗ୍ୟାସ୍ ଅଭାବ କାରଣରୁ ଇଣ୍ଡକ୍ସନ ଚୁଲା ପ୍ରତି ଲୋକଙ୍କ ଆଗ୍ରହ ବଢିଛି । ଇଲେକ୍ଟ୍ରୋନିସ ଦୋକାନରେ ଗ୍ରାହକମାନଙ୍କ ଭିଡ଼ ଦେଖିବାକୁ ମିଳିଛି । ଅନଲାଇନ ପ୍ଲାଟଫର୍ମରେ ଇଣ୍ଡକ୍ସନ ଚୁଲା ଆଉଟ୍ ଅଫ୍ ଷ୍ଟକ୍ ଥିବା ଦେଖାଉଛି । ପ୍ରତ୍ୟକ୍ଷ କମ୍ ହେଉଛି ତେଣୁ ଇଣ୍ଡକ୍ସନ ଚୁଲାର ବି ଅଭାବ ହେବାର ଆଶଙ୍କା କରାଯାଉଛି । କେବଳ ଓଡ଼ିଶା ନୁହେଁ ଦିଲ୍ଲୀ, ମଧ୍ୟପ୍ରଦେଶ, ଲଖନୌ, ଉତ୍ତର ପ୍ରଦେଶ, ଭୋପାଳ ଭଳି ସହରରେ ମଧ୍ୟ ଗ୍ୟାସ୍ ପାଇଁ ଲମ୍ବା ଲାଇନ୍ ଲାଗିଛି । LPG ଯୋଗାଣରେ ବ୍ୟାଘାତର ପ୍ରଭାବ ପଡ଼ିଛି କିଛି କମ୍ପାନୀର ଲାପେଟେଡିଆ ଏବଂ ଖାଦ୍ୟ ସେବା କ୍ଷେତ୍ରରେ । ରନ୍ଧନ ଗ୍ୟାସ୍ ଅଭାବ ଯୋଗୁଁ କାର୍ଯ୍ୟକ୍ରମ ସମସ୍ୟା ଦେଖାଦେଇଛି । ମୁମ୍ବାଇ, ବେଙ୍ଗାଲୁରୁ ଏବଂ କୋଲକାତା ଭଳି ସହରରେ ବଣିଜ୍ୟିକ LPG ଯୋଗାଣରେ ବାଧା ସୃଷ୍ଟି ହୋଇଛି । ରେଷ୍ଟୁରାଂଟ ଓ ଲୋଜନାନୟଗୁଡ଼ିକ ସିଲିଣ୍ଡର ପାଇବାରେ ସଂଘର୍ଷ କରୁଛନ୍ତି ଏବଂ କେତେକ କ୍ଷେତ୍ରରେ ସେମାନେ ନିଜର ମେନୁ କାର୍ଡ କରିଛନ୍ତି କିମ୍ବା ବ୍ୟବସାୟକୁ ସୀମିତ କରିଦେଇଛନ୍ତି । ଏଲପିଜି ବର ବୃଦ୍ଧି ଯୋଗୁଁ ରେଷ୍ଟୁରାଂଟ ଏବଂ କ୍ଲାଉଡ୍ କିଚେନ୍‌ଗୁଡ଼ିକର ପରିଚାଳନା ଖର୍ଚ୍ଚ ବଢ଼ିଗଲା ସମ୍ଭାବନା ଅଛି । ମୁମ୍ବାଇରେ ଖରାଦ ସିଲିଣ୍ଡର ଅଭାବ ଯୋଗୁଁ ପ୍ରାୟ ୨,୫୦୦ ରୁ ୩,୦୦୦ ରେଷ୍ଟେରା ବନ୍ଦ ହେବା ସ୍ଥିତିରେ ଅଛନ୍ତି । ରେଷ୍ଟୁରାଂଟ ଏବଂ କ୍ଲାଉଡ୍ କିଚେନ୍ ବନ୍ଦ ହେବା କାରଣରୁ ଜୋମାଟୋ (Zomato) ଏବଂ ସ୍ୱିଗି (Swiggy)ର ଖାଦ୍ୟ ଅର୍ଡରରେ ୫୦ ରୁ ୬୦ ପ୍ରତିଶତ ହ୍ରାସ ଘଟିଛି । ଏଲପିଜି ସିଲିଣ୍ଡରର ମୂଲ୍ୟ ବୃଦ୍ଧି ଏବଂ ଯୋଗାଣ ନେଇ ଚିନ୍ତା ମଧ୍ୟରେ, ଦେଶରେ ନୂତନ ରୋଷେଇ ବିକଳ୍ପ ବିଷୟରେ ଆଲୋଚନା ତୀବ୍ର ହୋଇଛି । ଅନେକ ଅଂଚଳରେ ଗ୍ୟାସ୍ ଅଭାବ ଏବଂ ଉଚ୍ଚ ମୂଲ୍ୟ ପାଇଁ ଲୋକେ ଏଲପିଜି ବିନା ରୋଷେଇ କରିବାର ବିକଳ୍ପ ଖୋଜୁଛନ୍ତି । ଏହା ଭିତରେ ଲଣ୍ଡିଆନ ଅଏଲର ଏକ ସୋଲାର କୁକିଂ ସିଷ୍ଟମ 'ସୂର୍ଯ୍ୟ ନୂତନ' ପୁଣିଥରେ ଚର୍ଚ୍ଚାରେ ଆସିଛି । ସବୁଠାରୁ ବଡ଼ କଥା ହେଲା 'ଲଣ୍ଡିଆନ୍ ଅଏଲ' ୫ ଦିନ ପୂର୍ବେ ନିଜର ଦ୍ୱେବସାଇଟ୍‌ରେ 'ସୂର୍ଯ୍ୟ ନୂତନ' ବିଷୟରେ ଅପଡେଟ୍ କରିଥିଲା । ଏଥର ଅର୍ଥ ଗ୍ୟାସ୍ ସିଲିଣ୍ଡର ଅଭାବ ଭିତରେ ନୂଆ ବିକଳ୍ପକୁ ଲୋକେ ଖୋଜିବା ଆରମ୍ଭ କରିଛନ୍ତି । ତେବେ ଏହାକୁ ପୁରଣ କିଣିହେବନି । ଏଥିପାଇଁ ଦ୍ୱେବସାଇଟ୍‌ରେ ଫର୍ମ ରହିଛି, ଯେଉଁଠୁ ଇନକ୍ୱାରୀ କରିହେବ । ଏହା ଏଭଳି ଏକ ସୋଲାର ଷ୍ଟୋଭ୍ ଯାହାକି ସୂର୍ଯ୍ୟଙ୍କ କିରଣରୁ ରୋଷେଇ କରିବାରେ ସାହାଯ୍ୟ କରିବ । ଏହାକୁ ରୋଷେଇ ଘର ଭିତରେ ବ୍ୟବହାର କରିହେବ । ଏହି ସିଷ୍ଟମ 'ଲଣ୍ଡିଆନ୍ ଅଏଲ' ଫରିଦାବାଦ ସ୍ଥିତ ରିଙ୍ଗର୍ଷ ଆଣ୍ଡ ଡେଭଲପମେଂଟ ସେଂଟରରେ ତିଆରି କରାଯାଇଛି । ଏଥାକୁ ଘରେ ରୋଷେଇ ପାଇଁ ଏକ ଶସ୍ତା ବିକଳ୍ପ ଭାବରେ ବିବେଚନା କରାଯାଏ । ଲଣ୍ଡିଆନ୍ ଅଏଲ୍ ଦ୍ୱେବସାଇଟ୍ ଏହାକୁ ଯଦିଓ ଏକ ରିଙ୍ଗର୍ଷ ଆଣ୍ଡ ଡେଭଲପ୍ ପ୍ରତିଷ୍ଠା ଭାବରେ କହିଛି, ତଥାପି ଦ୍ୱେବସାଇଟ୍‌ରେ ପଦାର ପାଇଁ ଯୋଗାଯୋଗ ନମ୍ବର ମଧ୍ୟ ଦିଆଯାଇଛି । 'ସୂର୍ଯ୍ୟ ନୂତନ' ସାଧାରଣ ସୋଲାର କୁକର ଠାରୁ ଅଲଗା । ଏହା ଛାତ ଉପରେ ଲଗାଯାଇଥିବା ସୋଲାର ପ୍ୟାନେଲଠାରୁ ଶକ୍ତି ନେଇଥାଏ । ଏହା ଏକ କେବଳ ଜରିଆରେ ଷ୍ଟୋଭ କିଚେନରେ ଲାଗିଥିବା କୁକରସ୍ପ ପର୍ଯ୍ୟନ୍ତ ପହଁଚି ଯାଇଥାଏ । ଅର୍ଥାତ ଖାଦ୍ୟ ତିଆରି କରିବା ପାଇଁ ଷ୍ଟୋଭକୁ ଖରାରେ ରଖିବାର ଆବଶ୍ୟକତା ଦରକାର ପଡ଼ିନଥାଏ ।

# ପଶ୍ଚିମବଙ୍ଗର ନୂତନ ରାଜ୍ୟପାଳ ଭାବରେ ଶପଥ ନେଲେ ଆରଏନ୍ ରବି

ନୂଆଦିଲ୍ଲୀ , ୧୨/୩(ନ୍ୟୁ.ଏ): ପଶ୍ଚିମବଙ୍ଗର ନୂତନ ରାଜ୍ୟପାଳ ରବିନ୍ଦ୍ର ନାରାୟଣ ରବି କୋଲକାତାର ରୋଜଭବନରେ ଶପଥ ଗ୍ରହଣ କରିଛନ୍ତି । ତାଙ୍କୁ କୋଲକାତା ହାଇକୋର୍ଟର ମୁଖ୍ୟ ବିଚାରପତି ସୁଜୋୟ ପାଲ୍ ପଶ୍ଚିମ ପାଠ କରାଇଛନ୍ତି । ଶପଥ ଗ୍ରହଣ ସମାରୋହରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ମୁଖ୍ୟ ସଚିବ ନନ୍ଦିନୀ ଚକ୍ରବର୍ତ୍ତୀ, ବିଧାନସଭା ବାଚସ୍ପତି ବିମାନ ବାନାର୍ଜୀ, ରେଫୁ ଫ୍ରଂଟର ଚେୟାରମ୍ୟାନ୍ ବିମାନବୋସ୍ ଏବଂ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ । ଶପଥ ଗ୍ରହଣ ନେଇ ଧାର୍ଯ୍ୟ ସମୟ ୧୧ ଟା ୩୦ ମିନିଟ୍‌ରେ ଆରମ୍ଭ ହୋଇଥିଲା । ତା ପୂର୍ବରୁ ବନ୍ଦେ ମାତରମ୍ ଓ ପରେ ଜାତୀୟ ସଙ୍ଗୀତ ବାଜିଥିଲା । ଶପଥ ନେବାପରେ ନୂଆ ରାଜ୍ୟପାଳ ମୁଖ୍ୟମନ୍ତ୍ରୀ ଓ ଅତିଥିଙ୍କ ସହିତ ଆଲୋଚନା କରିଥିଲେ । ଶପଥ ଗ୍ରହଣ ପରେ ରାଜ୍ୟପାଳ କହିଛନ୍ତି, ମୁଁ ଖୁବ୍ ଭାଗ୍ୟବାନ ମନେ କରୁଛି । ମୋତେ ପଶ୍ଚିମବଙ୍ଗର ଲୋକଙ୍କ ସେବା କରିବାର ସୁଯୋଗ ମିଳିଛି । ଏହା ଏକ ମହାନ ଭୂମି,ଯାହାକି ବହୁ ହଜାର ବର୍ଷରୁ ଲାଭବର ଆଧ୍ୟାତ୍ମିକ, ବୌଦ୍ଧିକ ଓ ସାଂସ୍କୃତିକ ରାଜଧାନୀ ରହିଛି । ସେ କହିଛନ୍ତି,ଏହା ହେଉଛି ସେହି ଭୂମି ଯେଉଁଠି ବହୁ ହଜାର ବର୍ଷ ପୂର୍ବରୁ ବେଦର ଶ୍ୱାଶତ ଜ୍ଞାନ ଫଳ-ସୁଫଳ, ଯେଉଁଠି ଗୌତମ ବୁଦ୍ଧ ଶିଷ୍ଯର ନୂତନ ଭାଗ ମିଳିଛି,ଯେଉଁଠି ଉକ୍ତିର ମହାନ ପରମ୍ପରା ସୃଷ୍ଟି ହୋଇଛି ଓ ଯାହାକି ରାଷ୍ଟ୍ରୀୟ ସ୍ୱାଧୀନତାର ଆନ୍ଦୋଳନକୁ ଆଗକୁ ବଢାଇଛି । ରାଜ୍ୟପାଳ କହିଛନ୍ତି, ବିଦେଶୀ ଓ ଦଖଲର ଖରାପ ସମୟ ରହିଛି, ଯାହାକି ଆମର ସଂସ୍କୃତି ଓ ପରିଚୟକୁ ବ୍ୟବସ୍ଥିତ ଭାବରେ ନଷ୍ଟ କରିବା ଆରମ୍ଭ କରିଦେଇଛି । ଏହି ଭୂମି ଚିତନ୍ୟ ମହାପ୍ରଭୁ, ରାଗବାନ ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ, ବାବୁ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ପରି ଅନେକ ମହାନ ଚାଲି ଏବଂ ଦିବ୍ୟ ଆତ୍ମାଙ୍କୁ ଜନ୍ମ ଦେଇଛି, ଯାହାଙ୍କ ବନ୍ଦେ ମାତରମ୍ ଆମ ଜାତୀୟ ସ୍ୱାଧୀନତା ଆନ୍ଦୋଳନର ସ୍ଲୋଗାନ ପାଲଟିଥିଲା, ମହାନ କବି-ବୁଦ୍ଧିଜୀବୀ ଗୁରୁଦେବ ରବିନ୍ଦ୍ରନାଥ ଟାଗୋର, ବିପ୍ଳବୀ ଆଧ୍ୟାତ୍ମିକ ନେତା ଶ୍ରୀ ଅରବିନ୍ଦ ଏବଂ ମହାନ ସ୍ୱାଧୀନତା ସଂଗ୍ରାମୀ ସୁଭାଷ ଚନ୍ଦ୍ର ବୋଷ ଏବଂ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ । ସେ କହିଥିଲେ ଯେ ମୁଁ ମା ଦୁର୍ଗାଙ୍କୁ ପ୍ରାର୍ଥନା କରୁଛି ଯେ ସେ ମୋତେ ପୂର୍ଣ୍ଣ ନିଷ୍ଠାର ସହିତ ଏହି ଭୂମିର ଲୋକଙ୍କ ସେବା କରିବା ପାଇଁ ଜ୍ଞାନ ଏବଂ ଶକ୍ତି ଦିଅନ୍ତୁ । ରାଜ୍ୟପାଳ କହିଛନ୍ତି ଯେ, ସିଧି ଆନନ୍ଦ ବୋଷଙ୍କ ଲଷ୍ଟମ୍ପୀ ପରେ, ରବିଙ୍କୁ ପଶ୍ଚିମବଙ୍ଗର ସ୍ଥାୟୀ ରାଜ୍ୟପାଳ ଭାବରେ ନିଯୁକ୍ତ କରାଯାଇଛି । ସେ ପୂର୍ବରୁ ତାମିଲନାଡୁର ରାଜ୍ୟପାଳ ଥିଲେ । ରାଜ୍ୟପାଳ ଭାବରେ କାର୍ଯ୍ୟକାଳ ମଧ୍ୟରେ, ରବିଙ୍କର ଡିଏମକେ ସରକାରଙ୍କ ସହିତ ଅନେକ ବିବାଦ ହୋଇଥିଲା । ନିକଟ ବର୍ଷ ଗୁଡ଼ିକରେ, ରବିଙ୍କ ଅନେକ ବିଲ୍ ନେଇ ଏମକେ ଷ୍ଟାଲିନ ସରକାରଙ୍କ ସହିତ ବିବାଦ ରହିଛି । ଗତ କିଛି ବର୍ଷରେ, ବହୁ ବିଲ୍ ନେଇ ଏମକେ ଷ୍ଟାଲିନ୍ ସରକାରଙ୍କ ସହିତ ରବିଙ୍କ ବିବାଦ ସାମନାକୁ ଆସିଛି । ଷ୍ଟାଲିନ୍ ଗର୍ଭନରଙ୍କୁ ହଟାଇବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟରେ ଦାବି କରିଥିଲେ । ଏଥର ନିର୍ବାଚନ ପୂର୍ବରୁ ଏନ୍ ରବିଙ୍କୁ ଆନନ୍ଦ ବୋଷଙ୍କ ପରେ ପଶ୍ଚିମବଙ୍ଗର ନୂଆ ରାଜ୍ୟପାଳ କରାଯାଇଛି ।

# ଯଥେଷ୍ଟ ଗ୍ୟାସ୍ ଅଛି, ଆତଙ୍କିତ ହୁଅନି: ମନ୍ତ୍ରୀ

ଭୁବନେଶ୍ୱର, ୧୨/୩ (ଆ.ପ୍ର) : ରାଜ୍ୟରେ ଯଥେଷ୍ଟ ପରିମାଣର ରନ୍ଧନ ଗ୍ୟାସ୍‌ରହିଛି । ତେଣୁ ଚିନ୍ତା କରିବାର କୌଣସି କାରଣ ନାହିଁ । ଗ୍ୟାସ୍‌ରୁ ନେଇ ଆତଙ୍କିତ ନ ହେବାକୁ ଜନସାଧାରଣଙ୍କୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ଏଲ୍‌ପିଜି ଓ ପେଟ୍ରୋଲ, ଡିଜେଲ୍ ଉପଲବ୍ଧତାକୁ ନେଇ ଏକ ବୈଠକ ପରେ ମନ୍ତ୍ରୀ ଏହା କହିଛନ୍ତି । ବୈଠକରେ ଆଇଓସିଏଲ, ବିପିସିଏଲ, ଏଚପିସିଏଲ, ଗିଲାଏନ୍ସ, ଗେଲ୍‌ର ଅଧିକାରୀ ଉପସ୍ଥିତ ଥିଲେ । ବୈଠକରେ ଏଲ୍‌ପିଜି ବିତରଣ ଓ ଡିଜେଲ୍ ଆଉଟ୍‌ଲେଟ୍‌ର ବିତରଣ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା ହୋଇଥିଲା । ଖାଉଟିମାନେ ଗ୍ୟାସ୍ ଓ ତେଲ ପାଇବାରେ ଯେଉଁଭଳି କୌଣସି ଅସୁବିଧା ସାମ୍ନା ନ କରନ୍ତି, ସେଥିପ୍ରତି ସଜାଗ ରହିବାକୁ ମନ୍ତ୍ରୀ ଅଧିକାରୀମାନଙ୍କୁ କହିଥିଲେ । ଡିଲ୍ଲାପାଳମାନଙ୍କୁ ପ୍ରତିଦିନ ରିପୋର୍ଟ ଦେବାକୁ କୁହାଯାଇଛି । ମନ୍ତ୍ରୀ କହିଥିଲେ ଯେ ବଜାରରେ ଏଲ୍‌ପିଜି କଳାବଜାର ରୋକିବାକୁ ତତ୍ପର ପାଇଁ ବିଭାଗୀୟ ଅଧିକାରୀ ନିଯୋଜିତ ଅଛନ୍ତି । କଳାବଜାର ଖବର ମିଳିଲେ ଦୃଢ଼ ପଦକ୍ଷେପ ନେବାକୁ ସେ କହିଛନ୍ତି । ଜଟକ ବଡ଼ ମେଟ୍ରୋକାର ଭଳି ସମ୍ବେଦନଶୀଳ ସରକାରୀ ଅନୁଷ୍ଠାନ ଓ ବିଭିନ୍ନ ଶିଳ୍ପାନୁଷ୍ଠାନଗୁଡ଼ିକରେ ମାର୍କେଟିଙ୍ଗ ଅଫିସରମାନେ ସ୍ଥିତି ଅନୁଧ୍ୟାନ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା ।

# କଳାବଜାରୀ ଉଦ୍ୟମ କରୁଛି ସରକାର: କଂଗ୍ରେସ

ଭୁବନେଶ୍ୱର, ୧୨/୩ (ଆ.ପ୍ର) : ସାରା ଦେଶ ସମେତ ରାଜ୍ୟରେ ଗ୍ୟାସ ପାଇଁ ହାହାକାର ପଡ଼ିଥିବା ବେଳେ ସରକାର ଘରୋଇ ଗ୍ୟାସ ପିଜିଂ ପିଛା ୬୦ ଟଙ୍କା ଓ ବ୍ୟବସାୟିକ ପିଜିଂ ପିଛା ୧୧୫ ଟଙ୍କା ବଢ଼ାଇ ଦେଲେ, ଯାହା ୬ ବର୍ଷରେ ସର୍ବାଧିକ । ନୋଟ ବନ୍ଦୀ ପରି ଗ୍ୟାସ୍ ବନ୍ଦ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀସାରାଦେଶକୁ ପୁଣି ଲାଇନରେ ଛିଡ଼ା କରାଇବା ଦୁର୍ଭାଗ୍ୟଜନକ । ଯୁଏଏ ସରକାର ଘରୋଇ ସିଲିଣ୍ଡର ଗ୍ୟାସ ପିଜିଂ ୪୩୭ ଟଙ୍କା ଥିବାବେଳେ ବିଜେପିର ସିଲିଣ୍ଡର ରାନୀ, ସ୍ମୃତିଇରାନୀ ଦେଶ ଶାଣ୍ଣ ବୋଝୁର ଭ୍ରମା କରୁଥିଲେ । ଆଜି ଯେତେବେଳେ ଗ୍ୟାସ୍ ଦର ୬୩୯ ଟଙ୍କାରେ ପହଂଚି, ସେତେବେଳେ ସ୍ମୃତି କରାନୀ କୁପ୍ ଲାଇଁଛି ? ନୂଆ ନୂଆ ସ୍ଥିତି କରାନାଙ୍କ ଯାତ୍ରା ନେଉଥିବା କଙ୍ଗନା ରଣାଉତ କୁପ୍ ଲାଇଁଛି ? କ'ଣ ସାପ ସୁଟି ଦେଇଛି ? କଂଗ୍ରେସ ଭବନରେ ଆଜି ଦଳର ମୁଖପାତ୍ର ମୁଖପତ୍ର ସୋନାଲି ସାହୁ ସାମ୍ବାଦିକ ସମ୍ମିଳନୀରେ କହିଥିଲେ, ବିଜେପି ସରକାର ସାଧାରଣ ଜନତାଙ୍କୁ ଏକ ସଂକଟମୁହାଁ ପରିସ୍ଥିତି ଆଡକୁ ଟାଣିନେବାକୁ ବାଧ୍ୟ କରୁଛନ୍ତି । ଠନ୍ ଠନ୍ ଠନ୍ ଠନ୍ କରି ସୁଭଦ୍ରା ଯୋଜନାରେ ପଇସା ପଠାଇବାର ଭାଷଣ ମାରୁଥିବା ମୁଖ୍ୟମନ୍ତ୍ରୀଙ୍କୁ ଆଜି ରାଜ୍ୟର ମହିଳାମାନେ ପ୍ରଶ୍ନ କରୁଛନ୍ତି, ଆମେ ବି ଠନ୍ ଠନ୍ ଠନ୍ ଠନ୍ କରି ପଇସା ଦେଉଛୁ । କିନ୍ତୁ ଆମ ଛାତ୍ରୀଶାନ୍ତକୁ ଗ୍ୟାସ ଦିଅ । ସରକାର ପ୍ରଥମେ ଗ୍ୟାସ୍ ପିଜିଂ ଅବଧି ୧୫-୨୧ ଦିନ, ତାପରେ ଏବେ କହିଲେଣି ୨୫ ଦିନ ପୂର୍ବରୁ ବୁକିଂ ହୋଇପାରିବନି । ଖାଲି ସେତିକି ନୁହେଁ ଗତ ୫ ଡାଗିଖରୁ ଅର୍ଥାତ ଆଜିକୁ ୮ ଦିନ ହେଲାଣି ମାଁ ମୋବାଇଲରେ ଦୁଇଁ ଦେଇଛି, ନା ଛାତ୍ରସ୍ପଥରେ । ଛାତ୍ରୀସୁଧୀ ସରକାରର କଳାବଜାରୀ ମାନଙ୍କ ସହିତ ମହିଳାମାନଙ୍କୁ ଶୋଷଣ କରିବାପାଇଁ ଗ୍ୟାସର ଅରାଦୀ ବିକ୍ରିକୁ ବଢ଼ାଇଦେଲେ । ଫଳରେ ଲୋକେ ଚୁଲ୍‌ହରେ ୨୦୦୦ରୁ ୨୫୦୦ ଟଙ୍କା ଦେଇ ଗ୍ୟାସ ପିଜିଂ କରିବାକୁ ବାଧ୍ୟ ହେଉଛନ୍ତି, ଲାଭବୁଦ୍ଧି ବୃଦ୍ଧିଶୀମାନଙ୍କୁ ସରକାର ଜେମତି ଲଜାଉଛନ୍ତି । ଯୁଗ୍ରଦ୍ଧା ଏବେ ଛାତ୍ରୀଶାନ୍ତରେ ଛାଡୁଛି । ମହିଳାମାନେ ଚୁଲିରେ ରୋଷେଇ କରିବା ଦ୍ୱାର ତାଙ୍କର ଲୁଆଡ଼େ ଆଖିକୁ କଷ୍ଟ ଦେଉଥିଲା, ସେଇ କଥାକୁ ବାଡ଼ୁନି ବାହୁନି ମନକି ବାଗରେ କହୁଥିଲେ ତେଣୁ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ କନେକସନ୍ ନେବାକୁ ଜନାନିସ୍ତୁତି ପାଇଁ ମାର୍କେଟିଂ କରାଗଲେ । ଆଜି ଯେତେବେଳେ ମହିଳାଙ୍କୁ ବାଧ୍ୟ କରାଯାଉଛି ପୁଣି ସେଇ ଚୁଲିରେ ରୋଷେଇ କରିବାକୁ? କ'ଣ କହିବେ ମୋଦୀ ? ଆଜି କ'ଣ ମା' ମାନଙ୍କୁ ଆଖି ଖରାପ ହେଉନି ? ମା' ମାନଙ୍କ ପାଇଁ ଆଜି କଷ୍ଟ ଲାଗୁଛି ମୋଦୀଙ୍କୁ ? ସାରା ଦେଶରେ ଏବେ ୧ କୋଟି ୯୦ ହଜାର ଘରୋଇ ଗ୍ୟାସ ଉପଭୋକ୍ତା ରହିଛନ୍ତି ।

ସମସ୍ତଙ୍କର
# ଆରମ୍ଭ
SEITHO ARAMBHA
ଶୁକ୍ରବାର, ୧୩ ମାର୍ଚ୍ଚ, ୨୦୨୬ : ଭାଲେଶ୍ୱର : ପୃଷ୍ଠା -୨

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

## ହିନ୍ଦୁ ଏକତା ମଂଚ ରାଜ୍ୟ ସ୍ତରୀୟ ଉତ୍ସବରେ ଡ଼ଃ. ଚିନ୍ତାମଣୀ ମିଶ୍ର ସମ୍ବର୍ଦ୍ଧିତ

ଚିଲିକା ବାଣପୁର, ୧୨/୩ (ଆ.ପ୍ର) : ହିନ୍ଦୁ ଏକତା ମଂଚର ରାଜ୍ୟ ସ୍ତରୀୟ ବାର୍ଷିକ ଉତ୍ସବ ଲୁବନେଶ୍ୱର ଜୟଦେବ ଭବନ ଠାରେ ମହାଆଡ଼ମ୍ବରରେ ପାଳିତ ହୋଇ ଯାଇଛି । ଏହି ଉତ୍ସବକୁ ଉଦଘାଟକ ଓ ମୁଖ୍ୟ ଅତିଥିଭାବେ ପରମ ହଂସ ଶ୍ରୀମଦ ସ୍ୱାମୀ ବୃନ୍ଦାବନ ସରସ୍ୱତୀ ମହାରାଜ ଏବଂ ରବିନାରାୟଣ ନାୟକ ମାନ୍ୟବର ମନ୍ତ୍ରୀ ସଂଚାୟତି ରାଜ ଓ ସ୍ଥାନୀୟ ଜଳ ମହୋତ୍ସବଙ୍କ ଦ୍ୱାରା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରି ଏହି ରାଜ୍ୟ ସ୍ତରୀୟ ବାର୍ଷିକ ଉତ୍ସବକୁ ଉଦଘାଟନ କରିଥିଲେ । ହିନ୍ଦୁ ଏକତା ମଂଚର ସଭାପତି ପ୍ରଦୀପ୍ତ ଜେନାଙ୍କ ଆବାହକତ୍ୱରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ଯୋଗଦେଇଥିବା କବି ଡ଼ଃ. ପ୍ରଦୀପ କୁମାର ପାଟ୍ଟସାଣୀ, ବାଲୁର ପ୍ରଦୀପ କୁମାର ସାମନ୍ତରାୟ, ସନ୍ଧ୍ୟା ସିନା ଅଗ୍ରବତୀ ମା', ପ୍ରମେଧର ଅଣୋକ ମହାପାତ୍ର, ଧର୍ମ ଗଢ଼ ବିଧାୟକ ସୁଧୀର ପଟ୍ଟନାୟକ, ସ୍ୱାମୀ ତ୍ରିବୃଷ୍ଣା ନନ୍ଦ ସରସ୍ୱତୀ, ପ୍ରମୁଖଙ୍କୁ ପୁଷ୍ପ ଗୁଚ୍ଛ ଓ ଉତରୀୟ ଦେଇ ସମ୍ମାନିତକରୁ ପାଞ୍ଚୋଟୀ ଅଣା ଯିବା ସହ ସଭାପତି ପ୍ରଦୀପ ଜେନାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏହାପରେ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ବନ୍ଦେ ଉତକଳ ଜନନୀ ଗାୟନ କରାଯିବା ସହ ସମ୍ପାଦକ ସୁରେନ୍ଦ୍ର କୁମାର ମହାନ୍ତି ବାର୍ଷିକ ବିବରଣୀ ପାଠ କରିବାପରେ ଖୋର୍ଦ୍ଧା ଜିଲ୍ଲା ହିନ୍ଦୁ ଏକତା ମଂଚ ସଭାପତି ଡ଼ଃ. ଚିନ୍ତା ମଣି ମିଶ୍ରଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାପରେ ୨୦ ଜଣରୁ ଊର୍ଦ୍ଧ ରାଜ୍ୟର ବରିଷ୍ଠ ସଂଗଠକ କାର୍ଯ୍ୟକର୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହିଦିନସ୍ଥରେ ହିନ୍ଦୁ ଏକତା ମଂଚର ବଳିଷ୍ଠ ଭୂମିକା, ଗୋ ସମ୍ପଦ ସୁରକ୍ଷା, ଗୀତା ପାଠ, ସାନାତନ ଧର୍ମର ପ୍ରଚାର ପ୍ରସାର ଏବଂ ହିନ୍ଦୁ ମାନଙ୍କ ସୁରକ୍ଷା ଆଦି ସମ୍ପର୍କରେ ଅତିଥି ମାନେ ଭଲପୁର ହିନ୍ଦୁ ସମେଳନୀରେ ଉପସ୍ଥିତ ଥିବା ସମୟରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ବାର୍ଷିକ ବିଶେଷଜ୍ଞ ସ୍ମରଣିକା ଆର୍ଯ୍ୟ ଦର୍ଶନକୁ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଏହି ବାର୍ଷିକ ଉତ୍ସବରେ ଗଣପୁର, ଗାଲୁଗାଁଲୁ ଡ଼ଃ. ଚିନ୍ତାମଣୀ ମିଶ୍ର, ସବିତା ପାଣିଗ୍ରହି, ପ୍ରଭାତ କୁମାର ଦେଓଜେନା, ଆନନ୍ଦ ଚନ୍ଦ୍ର ସେନାପତି, ଦେବୀଗାଣ ବକ, ସମ୍ବାଳ ସେବୀ ରାଜନାଥ ସେଠୀ, ବ୍ରଜ କିଶୋର ଜେନା, କୈଳାସ ଝୁଁଟିଆ ପ୍ରମୁଖ ୪୦ରୁ ଊର୍ଦ୍ଧ ଯୋଗ ଦେଇଥିବାବେଳେ ରାଜ୍ୟରୁ ୩୦ରୁ ଊର୍ଦ୍ଧ ଏହି ସମାବେଶରେ ଯୋଗ ଦେଇ ସଭାକୁ ସାର୍ଥକ୍ୟ ମଣ୍ଡିତ କରିଥିଲେ, ଶେଷରେ ଉପ ସଭାପତି ଚନ୍ଦ୍ର କାନ୍ତ ନାୟକ ଉପସ୍ଥିତ ଥିବା ମଂଚାସିନ ଅତିଥି ଏବଂ ସମସ୍ତ କାର୍ଯ୍ୟ କର୍ତା ମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ବିଦ୍ୟାଳୟର ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି ଯୋଗୁଁ ଛାତ୍ରଛାତ୍ରୀ ମାନଙ୍କର ଧାରଣା

ଏରସମା, ୧୨/୩ (ଆ.ପ୍ର) : ଏରସମା ବ୍ଲକ ଅନ୍ତର୍ଗତ ସରକାରୀ ଉନ୍ନୀତ ସ୍ତର ବିଦ୍ୟାଳୟ ଗଡ଼କୁଜଙ୍ଗର ଗଣିତ ଶିକ୍ଷକ ବିଜୟ କୁମାର ପ୍ରଧାନଙ୍କୁ ବାଗଦେଇପୁରୁ ପ୍ରାଇମେରୀ ସ୍କୁଲକୁ ଅନ୍ୟତ୍ର ବଦଳି ହୋଇଥିବାରୁ ପରିଚାଳନା କମିଟିର ସଭାପତି, ପରିଚାଳନା କମିଟିର ମେମ୍ବରମାନେ , ଅଭିଭାବକ ମାନଙ୍କ ସହିତ ସ୍କୁଲର ଛାତ୍ରଛାତ୍ରୀ ମାନେ ତିନି ଘଂଟା ଧରି ସ୍କୁଲ ପରିସରରେ ଧାରଣାରେ ବସିଥିଲେ । ସ୍କୁଲର ଛାତ୍ରଛାତ୍ରୀ ମାନେ ଦାବି କରିଥିଲେ ଯେ ଆମର ଶିକ୍ଷକ ବିଜୟପ୍ରକାଶ କୁମାର ପ୍ରଧାନଙ୍କୁ ଆମ ସ୍କୁଲକୁ ନ ଆସିବା ପର୍ଯ୍ୟନ୍ତ ଆମେମାନେ କ୍ଲାସକୁ ପାଠ ପଢ଼ିବାକୁ ଯିବୁ ନାହିଁ କି ମଧ୍ୟାହ୍ନ ଭୋଜନ ଖାଇବୁ ନାହିଁ । ଗଡ଼କୁଜଙ୍ଗ ସ୍କୁଲର ୩୦୦ ରୁ ଊର୍ଦ୍ଧ ଛାତ୍ରଛାତ୍ରୀ ମାନେ ପାଠ ପଢୁଛନ୍ତି ।ଏକ ବର୍ଷ ତିନରେ ଗାଣିତର ଶିକ୍ଷକଙ୍କୁ ବଦଳି ହୋଇଯାଇଥିବା ବେଳେ ନୂତନ ଶିକ୍ଷକ ନିଯୁକ୍ତି ସୋଚନାହାନ୍ତି । ଚଳିତ ବର୍ଷ ବାର୍ଷିକ ପରୀକ୍ଷା ଚାଲୁଥିବା ସମୟରେ ଗଣିତ ଶିକ୍ଷକଙ୍କୁ ଅଚାନ୍ତ ବଦଳି କରାଯିବାରୁ ପାଠ ପଢ଼ାରେ ବାଧାପ୍ରାପ୍ତ ସୃଷ୍ଟି ହୋଇଛି । ଛାତ୍ରଛାତ୍ରୀଙ୍କ ମାନଙ୍କ ସହିତ ସ୍କୁଲ ପରିଚାଳନା କମିଟି ସଭାପତିଙ୍କ ଓ ଅଭିଭାବକମାନେ ସ୍କୁଲ ଫାଟକ ପାଖରେ ଧାରଣାରେ ବସିଥିଲେ । ସିଆରସିସି ମେନକା ମଞ୍ଜରୀ ସ୍ୱାଇଁ ଧାରଣା ସ୍ଥଳରେ ପହଞ୍ଚି ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କୁ ଗଣିତ ଶିକ୍ଷକ ପୂରଣାର ଯୋଗଦେବେ ବୋଲି ବୁଝାଶୁଝା କରିଥିଲେ ।

## ସୂଚନା ଅଧିକାର ଆଇନ କର୍ମଶାଳା ଅନୁଷ୍ଠିତ

ପୁରୀ, ୧୨/୩ (ଆ.ପ୍ର) : ସୂଚନା ଅଧିକାର ଆଇନ ଦ୍ୱାରା ଅନେକ ଦୁର୍ନୀତିକୁ ରୋକାଯିବା ସହ କାର୍ଯ୍ୟରେ ସ୍ୱଚ୍ଛତା ଆସି ପାରିଛି ବୋଲି କହିଛନ୍ତି ପୌର ନିର୍ବାଚୀ ଅଧିକାରୀ ଅଛିମନ୍ତ୍ରୀ ଦେବେରା । ଗୁରୁବାର ପୁର୍ବାହ୍ନରେ ସଦଭାବନା ସଭାଗୃହ ପରିସରରେ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଅଧିକାର ଆଇନ ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହାକୁ ଉଦଘାଟନ କରି ପୌର ନିର୍ବାଚୀ ଅଧିକାରୀ ଶ୍ରୀ ଦେବେରା ସାଧାରଣ ଲୋକ ମାନଙ୍କୁ ଉପଯୁକ୍ତ ସେବା ଯୋଗାଇବା ଲକ୍ଷ୍ୟରେ ଆମେ ସମସ୍ତେ କାର୍ଯ୍ୟରତ । ତେବେ କିଛି ଅଧିକାରୀ ବା କର୍ମଚାରୀ ଯଦି କାର୍ଯ୍ୟ ରେ ଅବହେଳା କରନ୍ତି ବା କାର୍ଯ୍ୟ ସମ୍ପାଦନ ରେ ଅନିୟମିତତା କରନ୍ତି ତାହା ପାଇଁ ପ୍ରତିକାର ସ୍ୱରୂପ ଏହି ଆଇନ ହିଁ ଉପଯୁକ୍ତ ମାଧ୍ୟମ । ଏହି ଆଇନ ଦ୍ୱାରା ସାଧାରଣ ଲୋକଙ୍କୁ ଅନେକ ସୁବିଧା ମିଳୁଛି ଓ ଦୁର୍ନୀତି ବା ଅନିୟମିତତାକୁ କମା ଯାଇ ପାରୁଛି ବୋଲି ସେ କହିଥିଲେ । ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସୂଚନା ଅଧିକାର ଆଇନର କାର୍ଯ୍ୟକାରିତା ପାଇଁ ସମସ୍ତ ବିଭାଗ ଉତରଦାୟୀ । କେହି ତଥ୍ୟ ମାଗିଲେ ଆଇନ ମୁତାବକ ତଥ୍ୟ ପାଇବା ଆବେଦନକାରୀଙ୍କର ଅଧିକାର ଓ ତଥ୍ୟ ପ୍ରଦାନ କରିବା ଆମର କାର୍ଯ୍ୟତ୍ୱ । ତେବେ ଠିକ ଭାବରେ ସୂଚନା ଅଧିକାର ଆଇନକୁ ବୁଝି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ତଥ୍ୟ ପ୍ରଦାନ କରିବାକୁ ସେ ଅନୁରୋଧ କରିଥିଲେ । କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନୁଗ୍ରହ ଗଣ୍ଡାୟତ ଓ ଅନନ୍ୟା ଭାଭାଦତ୍ତ ଯୋଗ ଦେଇଥିଲେ । ପରେ ମାଷ୍ଟର ଟ୍ରେନର ସଂଗ୍ରାମ କେଶରୀ ପୃଷ୍ଟି ଓ ହରିହର ମହାନ୍ତି ପାଖୁରା ଯଂଟ ମାଧ୍ୟମରେ ସମସ୍ତ ପୀଷ୍ଠ ଅପିଲେଟ ଅଥରିଟି, ସୂଚନା ଅଧିକାରୀ ଓ ସହକାରୀ ସୂଚନା ଅଧିକାରୀଙ୍କୁ ତାଲିମ ପ୍ରଦାନ କରିଥିଲେ । ସୂଚନା ଅଧିକାର ସମ୍ପର୍କରେ ଅଧିକାରୀ ମାନଙ୍କର ବିଭିନ୍ନ ପ୍ରଶ୍ନ ବା ସଂଶୟକୁ ମାଷ୍ଟର ଟ୍ରେନର ସମାଧାନ କରିଥିଲେ ।ଅଂଗ୍ୟ ମାନଙ୍କ ମଧ୍ୟରେ ଜିଲ୍ଲାର ସମସ୍ତ ବିଭାଗ ଓ ବ୍ଲକ ଡିପାର୍ଟମେଂଟର ସୂଚନା ଅଧିକାରୀ ମାନେ ଯୋଗ ଦେଇ ପ୍ରଶିକ୍ଷଣ ପ୍ରାପ୍ତ ହୋଇଥିଲେ ।

## ଘରୋଇ ଗ୍ୟାସ ବୁକିଂ ହେଉନି : ଲୋକେ ଚିନ୍ତାରେ : କମର୍ସିଆଲ ଗ୍ୟାସ ସଙ୍କଟ ହୋଟେଲ ଉପରେ ପ୍ରଭାବ

ବାଲିଗୁଡା, ୧୨/୩ (ଆ.ପ୍ର) : ମଧ୍ୟପ୍ରାଚ୍ୟ ରେ ଯୁଦ୍ଧ ଲାଗିବା କାରଣରୁ ବାଲିଗୁଡାରେ ୩ ଦିନ ହେଲା ଘରୋଇ ଓ କମର୍ସିଆଲ ଗ୍ୟାସ ସଙ୍କଟ ଘଟେଇଛି । ହୋଟେଲ ଓ ବଡ଼ବଡ଼ ରେଷ୍ଟୁରାଂଟଙ୍କୁ କମର୍ସିଆଲ ଗ୍ୟାସ ଦୁଇଦିନ ହେଲା ଯୋଗାଇବନାହିଁ । ଯାହାଫଳରେ ସେମାନଙ୍କ ନିକଟରେ ଗଚ୍ଛିତ ଥିବା ଗ୍ୟାସ ଯେକୌଣସି ମୁହୂର୍ତ୍ତରେ ସରିଗଲେ ହୋଟେଲ ବନ୍ଦ ହେବାର ଆଶଙ୍କା କରାଯାଇଛି । ସେହିପରି ଘରୋଇ ଗ୍ୟାସ ବୁକିଂ ମଧ୍ୟ ସହଜରେ ହେଉନାହିଁ । ଗ୍ୟାସ ନେବାର ୨୫ ଦିନ ପରେ ପରବର୍ତୀ ଗ୍ୟାସ ପାଇବା ପାଇଁ ବୁକିଂ କରିବା ପାଇଁ ବର୍ତମାନ ସରକାର ଏବେ ବ୍ୟବସ୍ଥା କରିଛନ୍ତି । ହେଲେ ୩ଦିନ ହେଲା ଅଧିକାଂଶ ଗ୍ରାହକ ଗ୍ୟାସ ବୁକିଂ ପାଇଁ ପ୍ରୟାସ କରିବା ସତ୍ତ୍ୱେ ଅକଳାଭାଜନରେ ବୁକିଂ ହେଉନାହିଁ । ଯାହାକୁ ନେଇ ଘରୋଇ ଲୋକେ ଦେଶ୍ ଚିନ୍ତାରେ ରହିଛନ୍ତି । ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ଆଜ କରି ଗ୍ୟାସ ଯୋଗାଉଥିବା କିଛି ବ୍ୟାଙ୍କି ମଧ୍ୟ କଳାବଜାରୀ କରିବା ଆରମ୍ଭ କଲେଣି । ଗ୍ୟାସର ଚୋରି ଓ ମାଟ୍ରାଧିକ ମୂଲ୍ୟରେ କଳାବଜାରି କରିବା ଅଭିଯୋଗ ଉଠୁଛି । ସାଧାରଣ ଘରୋଇ ଲୋକଟିଏ ଗ୍ୟାସ ପାଇବା ନିମନ୍ତେ ବୁକିଂ ପରେ ଦେଢ଼ ସପ୍ତାହ ପର୍ଯ୍ୟନ୍ତ ଅପେକ୍ଷା କରୁଥିବା ବେଳେ ବର୍ତମାନ ଗ୍ୟାସ ପ୍ରଦାନରେ ବ୍ୟାପକ ହେରାଫେରି ହେଉଛି । ଘରୋଇ ଗ୍ୟାସର ମୂଲ୍ୟ ୬୦ଟଙ୍କା ବିଶିଷ୍ଟର ଟିକ୍କା ବୃଦ୍ଧି ପାଇବା ପରଠାରୁ ସହରରେ ଗ୍ୟାସ ଯୋଗାଣରେ ବିଳମ୍ବ ହେଉଛି । ପୂର୍ବରୁ ବୁକିଂର ୪୮ ଘଂଟା ମଧ୍ୟରେ ଗ୍ୟାସ ଆସୁଥିଲା । ହେଲେ ଏବେ ଘରୋଇ ହିତାଧିକାରୀ ସହରରେ ଗ୍ୟାସଟି ପାଇପାରୁନାହିଁ । ଏ ସଂଦ୍ଭାରରେ ଜିଲ୍ଲା ଯୋଗାଣ ଅଧିକାରୀ ସୁଭ୍ରତା ମୂର୍ତ୍ତିଙ୍କୁ ପଚାରିବାରେ ଜିଲ୍ଲାରେ ପର୍ଯ୍ୟାପ୍ତ ଘରୋଇ ଗ୍ୟାସ ରହିଛି । ଗ୍ୟାସ ର ଅଭାବ ନାହିଁ, କିନ୍ତୁ ସମସ୍ତ ଜିଲ୍ଲାରେ ଯେଉଁଭଳି ପରିସ୍ଥିତିରେ ଗ୍ୟାସ ମହଜୁଦ ରହିବା କଥା ସେଭଳି ପରିସ୍ଥିତିରେ ଗ୍ୟାସ ମହଜୁଦ ନାହିଁ, ଏଣୁ ଖାଉଟି ଦେଖି ଚାହିଁ ଗ୍ୟାସ ବ୍ୟବହାର କରିବାକୁ ପରାମର୍ଶ ଦେଉଛନ୍ତି । ସର୍ଭର ଡାଉନ ଯୋଗୁଁ ଅସୁବିଧା ହେଉଛି । ତେବେ ବିଭାଗ ପକ୍ଷରୁ ସେ ଏଥିପ୍ରତି ଦୃଷ୍ଟିଦେବେ ବୋଲି କହିଛନ୍ତି । ସେପରେ ସ୍ଥାନୀୟ ଲଞ୍ଜେନ ଗ୍ୟାସର ବିତରକ ରାଜୀବ ପଣ୍ଡା କହିଛନ୍ତି ଯେ, ବର୍ତମାନ ସର୍ଭର ଡାଉନ ରହୁଛି, ଏଣୁ ବୁକିଂ ହୋଇପାରୁନି, ବିଶେଷ କରି ଦିନ ମଧ୍ୟରେ ସମାଧାନ ହୋଇଯିବ, ଆମ ପାଖରେ ଗ୍ୟାସ ମହଜୁଦ ଅଛି, ଖାଉଟି ବିଚଳିତ ନ ହେବା ପାଇଁ ଅନୁରୋଧ କରିଛନ୍ତି ।

## ଗୋଟିଏ ସ୍ଥାନରେ ଏଗାର ବର୍ଷ ଖେଳୁଖେଳୁ ଖେଳି ଦେଲ ଯାଜପୁର ଜିଲ୍ଲା କ୍ରୀଡା ଅଧିକାରୀ

ଯାଜପୁର, ୧୨/୩ (ଆ.ପ୍ର) : ଗୋଟିଏ ସ୍ଥାନରେ ଏଗାର ବର୍ଷ ଖେଳୁଖେଳୁ ଖେଳି ଦେଲେ ଯାଜପୁର ଜିଲ୍ଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ । ବିଗତ ଦୀର୍ଘ ୧୧ ବର୍ଷ ଧରି ଯାଜପୁର ଜିଲ୍ଲାରେ କ୍ରୀଡ଼ା ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି ବାବୁ ଜଣଙ୍କ । ଯାହା ଶୁଣିବାକୁ ମିଳେ ବାବୁ ଜଣଙ୍କର ଭାବ ବହୁତ ଗମ୍ଭୀର । ବିଗତ ପୂର୍ବ ସରକାରଙ୍କ ସମୟରେ ବାବୁ ଜଣଙ୍କ ମୁଣ୍ଡ ଉପରେ ଚାଉଳବନ୍ଦୀ ନେତାଙ୍କ ହାତ ଥିବା ଯୋଗୁ ତାଙ୍କର ଛୁଟୁମରେ ଜିଲ୍ଲାର ସମସ୍ତ ଖେଳ ବିଭାଗ ଉଠଯିବ ହେଉଥିବା ଶୁଣାଯାଏ । ଯାଜପୁର କ୍ରୀଡ଼ା ବିଭାଗର ଖେଳପଡ଼ିଆର ମୁଖ୍ୟ ଦ୍ୱାରରେ ଲାଗିଥିବା ଗେଟ୍ ଗୁଡ଼ିକର ତାଲା ବାବୁ ଜଣଙ୍କ ମର୍ଜରେ ଖୋଲା ଯାଏ । ବିଗତ ଦିନରେ ଏହି ଗେଟ୍ ବନ୍ଦ ଯୋଗୁଁ ଖେଳାଳି ମାନଙ୍କ ଅଭିଯୋଗ ଯୋଗୁଁ ବାବୁ ଜଣଙ୍କ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଶୁଣାଯାଏ । ସରକାର ବଦଳିବା ପାଖାପାଖି ଦୁଇ ବର୍ଷ (ନୂତନ ସରକାର)ହେବାକୁ ଥିବା ବେଳେ ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କ ଉପରେ ଏହାର କୌଣସି ପ୍ରଭାବ ପଡୁନାହିଁ । କାହା ଛତ୍ରଛାୟା ତଳେ ଉଡି ବାବୁ ଜଣଙ୍କ ଯାଜପୁର ଜିଲ୍ଲାରେ କ୍ରୀଡ଼ା ବିଭାଗ କୁ ସମ୍ପୂର୍ଣ୍ଣ ଭାବେ ମାଡ଼ି ବସିଛନ୍ତି । ସରକାର ବଦଳିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସରକାରୀ ଅଧିକାରୀ ଠାରୁ ଆରମ୍ଭ କରି ତଳିଆ କର୍ମଚାରୀମାନଙ୍କ ବଦଳି ହେଉଥିବା ବେଳେ କ୍ରୀଡ଼ା ଅଧିକାରୀ ବାବୁ ଜଣଙ୍କ କାହିଁକି ବଦଳି କରାଯାଉନାହିଁ । ଜିଲ୍ଲା ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଆକର୍ଷିତ କରିବା ପାଇଁ ଯାଜପୁର ସହର ର ସମସ୍ତ କ୍ରୀଡ଼ା ସଂଗଠନ ଏବଂ ଭୁକ୍ତିଜୀବୀମାନେ ଦାବି କରିଛନ୍ତି ।

## ଜଗତସିଂହପୁର ଜିଲ୍ଲାରେ ସାମାଜିକ ସମୀକ୍ଷା

ଜଗତସିଂହପୁର, ୧୨/୩ (ଆ.ପ୍ର) : ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗ ପକ୍ଷରୁ ଓଡିଶା ସାମାଜିକ ସମୀକ୍ଷା ଜଗତଗୁରିପୁର ଓ ସ୍ୱଚ୍ଛତା ସମିତି(ଓସାଟ) ପକ୍ଷରୁ ଜଗତସିଂହପୁର ଜିଲ୍ଲାରେ ବିଭିନ୍ନ ପ୍ରକଳ୍ପର ସାମାଜିକ ସମୀକ୍ଷା କରାଯାଇଛି । ୨୪.୦୨.୨୦୨୬ରୁ ୦୯.୦୩.୨୦୨୬ ମଧ୍ୟରେ ଜିଲ୍ଲାର ବିଭିନ୍ନ ବ୍ଲକରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପକୁ ୨୦ଜଣ ସାମାଜିକ ସମୀକ୍ଷକ ୧୦ଟି ବଚରେ ବିଭକ୍ତ ହୋଇ ଏହି କାର୍ଯ୍ୟ ସମ୍ପାଦନ କରିଥିଲେ । ଗାଜନ୍ଧ ସାମାଜିକ ସମୀକ୍ଷା ବିଶେଷଜ୍ଞ ସନ୍ଧ୍ୟାରାଣୀ ଅଧିକାରୀଙ୍କ ପରାମର୍ଶ କ୍ରମେ ଜିଲ୍ଲା ସାମାଜିକ ସମୀକ୍ଷକ ଦୀପକ କୁମାର ପରିଡା, ଜଗତସିଂହପୁର ଓ କଳ୍ପନା ବିଶ୍ୱାଳ, କଟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକ ସାମାଜିକ ସମୀକ୍ଷକମାନେ କ୍ଷେତ୍ରରେ ରାତିରେ ରହି କାର୍ଯ୍ୟ ସମ୍ପାଦନ କରିଥିଲେ । ବ୍ଲକ ସାମାଜିକ ସମୀକ୍ଷକ ରମେଶ ଚନ୍ଦ୍ର ବଳିୟାର, ତ୍ରିଲୋଚନ ସାହୁ, ମିହିର କୁମାର ତ୍ରିପାଠୀ, ସଚିନ ଦାସ, କାଳନ୍ଦୀ ଚରଣ ଲେଙ୍କା, ଦୀପିକା ଦାସ, ଅର୍ଜୁନ ସ୍ୱାଇଁ, ରଶ୍ମି ନାୟକ, ସତ୍ୟବ୍ରତ ସାମଲ, ମନୋଜ କୁମାର ବାରିକ, ଚମାକାନ୍ତ ସ୍ୱାଇଁ, ବିଭୂମ କିଶୋର ସାହୁ, ସନ୍ତୋଷ କୁମାର ସାହୁ, ଶ୍ରୀବତ୍ସ ବାରିକ, ଏସ ସି ମନୀଷ କୁମାର, ଲୟ ପ୍ରକାଶ ପଣ୍ଡା, ରବୁପର୍ଣ୍ଣା ଦାଶ, ଅରବିନ୍ଦ ଦାସ ପ୍ରମୁଖ ସାମାଜିକ ସମୀକ୍ଷା କାର୍ଯ୍ୟ ସମ୍ପାଦନ କରିଥିଲେ । ଏହି ସମୀକ୍ଷା ଅଧିବେଶନରେ ୯ଟି ଆଦର୍ଶ ଗ୍ରାମ ଯୋଜନା, ୧ଟି ବୃଦ୍ଧାଶ୍ରମ, ୧ଟି ନିଶା ନିବାରଣ କେନ୍ଦ୍ର, ୨ଟି ମାଟ୍ରିକ ପୂର୍ବ ଛାତ୍ର ବୃତ୍ତି, ୧ ଟି ମାଟ୍ରିକ ପର ଛାତ୍ର ବୃତ୍ତି, ୨ଟି ଆନ୍ତଃ ଜାତି ବିବାହ, ୨ଟି ନିର୍ଯ୍ୟାତନା ତଥା ମହିଳା ଅତ୍ୟାଚାର ପ୍ରକଳ୍ପର ସାମାଜିକ ସମୀକ୍ଷା କରାଯାଇଥିଲା । ଏଥିରେ ନିଶା ନିବାରଣ ଅଭିଯାନ ସମନ୍ୱୟକ ଏକ ରାଲି ନାଉଗାଁ ଆଣ୍ଠା ଠାରେ କରାଯାଇଥିଲା ।

## ନୂଆପଡ଼ା ମାରାଗୁଡ଼ା ଲୋକମହୋତ୍ସବ-୨୦୨୬ ପାଇଁ ବାଜିଲା ବିଗୁଲ; କମିଟି ସଦସ୍ୟଙ୍କ ଦ୍ୱାରା ପୋଷ୍ଟର ଉନ୍ମୋଚିତ

ନୂଆପଡ଼ା, ୧୨/୩ (ଆ.ପ୍ର) : ନୂଆପଡ଼ା ଜିଲ୍ଲାର ଉଚିତ୍ରାସ ଐତିହ୍ୟ ଲୋକକଳା ଓ ସଂସ୍କୃତି ର ମାହାଦର୍ଶନ ' ମାରାଗୁଡ଼ା ଲୋକମହୋତ୍ସବ-୨୦୨୬'ର ପ୍ରଚାର ଓ ପ୍ରସାର ନିମନ୍ତେ ପ୍ରଚାର ପର୍ବ (ପୋଷ୍ଟର) ଆଜି ଜିଲ୍ଲାପାଳ ମଧୁସୂଦନ ଖାଣ୍ଡେଲ ସଭାପତିତ୍ୱରେ ଉନ୍ମୋଚିତ ହୋଇଯାଇଛି । ବିଭିନ୍ନ କମିଟିର ସଦସ୍ୟମାନଙ୍କ ଦ୍ୱାରା ଏହି ପୋଷ୍ଟର ଉନ୍ମୋଚନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ୍ ସିଂ, କମିଟି ସଦସ୍ୟ ତଥା ବିଶିଷ୍ଟ ଆଇନଜୀବୀ ପ୍ରସନ୍ନ ପାଢ଼ୀ, ଅବସରପ୍ରାପ୍ତ ଅଧ୍ୟକ୍ଷ ଶିବ ପ୍ରସାଦ ଦେବେରା, ବାର୍ତ୍ତା ଅଫିସର ସିସିଏସ ସଭାପତି ଶିତିଶ ଅଣୋକ ଦେଓନଗର, ଉପ ସଭାପତି ପ୍ରକାଶ ଚନ୍ଦ୍ର ସ୍ୱାଇଁ, କ୍ରୀଡ଼ାବିତ୍ ସରୋଜ ସାହୁ, ଖଡିଆର ଗୋଡ ଏନଏସି ଅଧ୍ୟକ୍ଷା ଡା. ସୋନିଆ ଜୈନ, ଅତିରିକ୍ତ ଜିଲ୍ଲାପାଳ ସୁଭାଷ ଚନ୍ଦ୍ର ରାଉତ,ଜିଲ୍ଲା ମୁଖ୍ୟ ଅନୁଷ୍ଠାନ ଅଧିକାରୀ ଲକ୍ଷ୍ୟାଦବ ଧରୁଆ, ରାଉଲିଗୁଡ଼ାପାଲ ସୁମିତ ସୋରେନ, ଏ ସି ଡି ଶ୍ରୀମାଳିଥ୍ ରୋଲ ,ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ଧନେଶ୍ୱର ସେଠୀ, କବି ସୁଲୋଚନ ସିଂ ମଜହଣା,ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢ଼ାଇ ,ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ମାଝୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା , ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ 

ଶ୍ରମଜୀବୀ
# ଆରମ୍ଭ
SEITHO ARAMBHA
ଶୁକ୍ରବାର, ୧୩ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

## ଜାତୀୟ ମହିଳା ଆୟୋଗ ଓ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ଜନଶୁଣାଣୀ

ବାଲେଶ୍ୱର,୧୨/୦୩ (ଆ.ପ୍ର) : ଆଜି ସକାଳ ସ: ୧୧ ଟିକା ସମୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ ଅତିଥୋଭିୟମ ଭବନ ଠାରେ ଜାତୀୟ ମହିଳା ଆୟୋଗ ଓ ଓଡିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ଆନୁକୂଲ୍ୟରେ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ମହିଳା ଆୟୋଗର ଅଧ୍ୟକ୍ଷା ସଲମା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ତାଙ୍କ ସହିତ ବାଲେଶ୍ୱର ଜିଲ୍ଲାପାଳ ପୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଜୋଛନା ମହାନ୍ତି, ଓଡିଶା ମହିଳା ଆୟୋଗ ସଭ୍ୟା ପ୍ରତିଭା ସତପଥି ଓ ମୁନ୍ନା ସାହୁ ଏବଂ କଳକେନ୍ଦ୍ର ପ୍ରିୟଦର୍ଶିନୀ ଆଚାର୍ଯ୍ୟ ଓ ସନନା ମହାନ୍ତି ମଂଚାସୀନ ଥିଲେ । ଅତିଥିମାନେ ମହିଳାଙ୍କ ଘରୋଇ ହିଂସା, ନିର୍ଯ୍ୟାତନା, ଯୌତୁକ, ସମ୍ପତ୍ତି ବିବାଦ, କାର୍ଯ୍ୟସ୍ଥଳରେ ନିର୍ଯାତନା, ବୈବାହିକ ବିବାଦର ସମାଧାନ ଏହି ଜନଶୁଣାଣୀ କାର୍ଯ୍ୟକ୍ରମରେ କିପରି ଶୀଘ୍ର ସମାଧାନ ହୁଏ, ସେହି ବାବଦରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । ଦାମଦେବ ପାଣ୍ଡିସ୍ତାହୀ ମଂଚ ପରିଚାଳନା କରିଥିଲେ । ସାଧାରଣ ସଭା ଶେଷ ହେଲା ପରେ ଜନଶୁଣାଣୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ସର୍ବମୋଟ ୪୧ ଗୋଟି ମାମଲାର ପଞ୍ଜିକରଣ ହୋଇଥିଲା । ସେଥି ମଧ୍ୟରୁ ୩୦ ଗୋଟି ମାମଲା ଜନଶୁଣାଣୀ ପୋର୍ଟାଲରେ ପଞ୍ଜିକରଣ ହୋଇଥିବା ବେଳେ ୧୧ ଗୋଟି ମାମଲା ଆଜି ନୂଆ ଭାବେ ଜନଶୁଣାଣୀ ସ୍ଥାନରେ ପଞ୍ଜିକରଣ ହୋଇଛି । ଆଜି ବେଳକୁ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ୩୦ ଗୋଟି ମାମଲାରୁ ୨୮ ଗୋଟି ମାମଲାର ହିଁ ବିଚାର କରାଯାଇଥିବା ବେଳେ ୨ ଗୋଟି ମାମଲା ଅନୁପସ୍ଥିତି କାରଣରୁ ବିଚାର କରାଯାଇନଥିଲା । ଆଜି ନୂତନ ଭାବେ ପଞ୍ଜୀକୃତ ହୋଇଥିବା ୧୧ ଗୋଟି ମାମଲାର କୌଣସି ବିଚାର କରାଯାଇନଥିଲା । ବିଚାର କରାଯାଇଥିବା ମାମଲା ଗୁଡ଼ିକ ମଧ୍ୟରୁ ୯୧ ଗୋଟି ମାମଲାର ଉଭୟ ପକ୍ଷ ଥିବାବେଳେ ୧୫ ଗୋଟି ମାମଲାର ଛେଡନ ଅଭିଯୋଗକାରୀ ଥିଲେ ଏବଂ ୨ ଗୋଟି ମାମଲାର ଛେଡନ ବିପକ୍ଷ ଦଳ ଥିଲେ । ବିଚାର କରାଯାଇଥିବା ମାମଲା ଗୁଡ଼ିକ ମଧ୍ୟରୁ ୮ ଗୋଟି ମାମଲାର ତତକାଳ ସମାଧାନ ହୋଇଥିଲା । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ପକ୍ଷକୁ ୬ ଗୋଟି ମାମଲା ହସ୍ତାନ୍ତର କରାଯାଇଥିବା ବେଳେ ୧ ଗୋଟି ମାମଲା ଜିଲ୍ଲା ସୁରକ୍ଷା ଅଧିକାରିଣୀ ଯୁଥିକାଣ୍ଡୀ ରାୟ ଏବଂ ୬ ଗୋଟି ମାମଲା ଜିଲ୍ଲା ଆଇନ ସେବା ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି । ୭ ଗୋଟି ମାମଲାକୁ ପୁନର୍ବାର ପରବର୍ତ୍ତୀ ଜନଶୁଣାଣୀ କାର୍ଯ୍ୟକ୍ରମରେ ଉପସ୍ଥିତ ହେବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ଟିପିଏନ୍‌ଓଡିଏଲ୍ ପକ୍ଷରୁ ଆସନ୍ତା ୧୪ରେ ହେବ ରାଷ୍ଟ୍ରୀୟ ଲୋକ ଅଦାଲତ
### ପ୍ରବର୍ତନ ସମ୍ପର୍କିତ ମାମଲାର ହେବ ସହଜ ସମାଧାନ

ବାଲେଶ୍ୱର, ୧୨/୦୩ (ଆ.ପ୍ର) : ଟିପିଏନ୍‌ଓଡିଏଲ୍ ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ ତଥା ସମାଧାନ ଶିବିର ଆସନ୍ତା ମାର୍ଚ୍ଚ ୧୪ ତାରିଖ ଶନିବାର ଦିନ ତିରିଜନ, ସବ-ତିରିଜନ କାର୍ଯ୍ୟାଳୟ ଏବଂ କରେରୀ ପରିସରରେ ଅନୁଷ୍ଠିତ ହେବ । ଏଥିରେ ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ଯାଜପୁର ଓ ମୟୂରଭଞ୍ଜ ଜିଲ୍ଲାର ବିଦ୍ୟୁତ୍ ଉପଭୋକ୍ତାମାନେ ଅନଧିକୃତ ବିଦ୍ୟୁତ୍ ବ୍ୟବହାର ଏବଂ ବିଦ୍ୟୁତ୍ ବୋଲି ସମ୍ଭାବ୍ୟ ମାମଲାଗୁଡ଼ିକର ଏକକାଳୀନ ସମାଧାନ କ୍ଷେତ୍ରରେ ସହାୟତା ପାଇପାରିବେ । ଏହି ଲୋକ ଅଦାଲତ ସକାଳ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବାବେଳେ ଉପଭୋକ୍ତାମାନେ ଅଧିକ ବିବରଣୀ ପାଇଁ ନିକଟସ୍ଥ ଟିପିଏନ୍‌ଓଡିଏଲ୍ ଉପଖଣ୍ଡ କିମ୍ବା ତିରିଜନ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିପାରିବେ । ପ୍ରବର୍ତନ ଅଧିକାରୀ, ଆଇନ ବିଶେଷଜ୍ଞ ଓ ଉପଭୋକ୍ତା ସହାୟତା କର୍ମଚାରୀମାନଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ୍ ଲୋକ ଅଦାଲତରେ ଉପସ୍ଥିତ ରହି ଉପଭୋକ୍ତାମାନଙ୍କୁ ଆନୁଷଙ୍ଗିକ ସହାୟତା ପ୍ରଦାନ କରିବେ । ଉପଭୋକ୍ତାମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ମାର୍ଗଦର୍ଶନ ଓ ସହାୟତା ପାଇପାରିବେ । ଟିପିଏନ୍‌ଓଡିଏଲ୍‌ର ଏଭଳି ପଦକ୍ଷେପ ଦାୟିତ୍ୱପୂର୍ଣ୍ଣ ବିଜୁଳି ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହ କାର୍ଯ୍ୟାନ୍ୱୟନ ସମ୍ଭାବ୍ୟ ମାମଲାଗୁଡ଼ିକର ସମାଧାନକୁ ଶୃଙ୍ଖଳିତ କରିବାରେ ସହାୟକ ହେବ । ବିଜୁଳି ବ୍ୟବହାରରେ ସ୍ୱଚ୍ଛତା ଓ ନିୟମିତତା ରକ୍ଷା ହେବା ସହ ଉପଭୋକ୍ତା ଅନୁକୂଳ ବ୍ୟବସ୍ଥା ସ୍ଥାପିତ ହୋଇପାରିବ । ସେହିପରି ବିଦ୍ୟୁତ୍ ବୋଲିରୁ ନିବୃତ୍ ରହିବାକୁ ମଧ୍ୟ ଉପଭୋକ୍ତାମାନଙ୍କୁ ଟିପିଏନ୍‌ଓଡିଏଲ ପରାମର୍ଶ ଦେଇଛି ।

## ସେଲ୍, ରାଉରକେଲା ଷ୍ଟିଲ୍ ପ୍ଲାଂଟ ଦ୍ୱାରା ଗ୍ରାମୀଣ ମହିଳାମାନଙ୍କୁ କନ୍ଥା ସିଲେଇ ତାଲିମ ପ୍ରଦାନ

ରାଉରକେଲା, ୧୨/୦୩ (ଆ.ପ୍ର) : ସେଲ୍, ରାଉରକେଲା ଷ୍ଟିଲ୍ ପ୍ଲାଂଟ, ରାଂଚି, ଲିଡ୍ ସହଯୋଗରେ, ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ଅବହେଳିତ ମହିଳାମାନଙ୍କ ପାଇଁ କନ୍ଥା ସିଲେଇ ଏବଂ କପଡ଼ା ଚିତ୍ରକଳା ଉପରେ ଏକ ତିନି ମାସିଆ ଜୀବିକା ନିର୍ଦ୍ଦିଷ୍ଟ ତାଲିମ କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ କରିଛି । ବି କେ ଜୋଜୋ, ଆରଏସପିର ସିଜିଏମ (ଟିଇ ଓ ହର୍ଟିକଲଚର), ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଏହି ଅବସରରେ ସିଏସଆର ବିଭାଗର, ଜିଏମ, ବିଭାବାସୁ ମଲ୍ଲିକ, ଲିଡ୍‌ର ନିର୍ଦ୍ଦେଶକ ଏ କେ ସିଂହ, ଏବଂ ଆରଏସପି ଓ ଲିଡ୍ ଏବଂ ବ୍ଲକ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ସମାପନୀ ସମାରୋହ ଗମ୍ଭୀରି ସିଏସଆର କାର୍ଯ୍ୟାଳୟର ଜନଷ୍ଟିଚ୍ୟୁଟ୍ ଅଫ୍ ପେରିଫେରାଲ୍ ହେଲଥପମେଣ୍ଟରେ ଅନୁଷ୍ଠିତ ହୋଇଥିଲା । ସମାବେଶକୁ ସମ୍ବୋଧିତ କରି, ଜୋଜୋ ଅଂଶଗ୍ରହଣକାରୀମାନଙ୍କୁ ତାଲିମ ସଫଳତାର ସହିତ ସମାପ୍ତ କରିବା ପାଇଁ ଅଭିନନ୍ଦନ ଜଣାଇଥିଲେ ଏବଂ ସେମାନଙ୍କ ଉପସ୍ଥାନ୍ତ ପ୍ରତିଭାକୁ ପ୍ରଶଂସା କରିଥିଲେ । ସେ ମହିଳାମାନଙ୍କୁ ସମ୍ପୃକ୍ତ କରିବା ଏବଂ କନ୍ଥା ସିଲେଇ ଏବଂ କପଡ଼ା ଚିତ୍ରକଳା ଭଳି ଆଦିବାସୀ କଳାରୂପ ସଂରକ୍ଷଣ କରିବାରେ ଏପରି ଦକ୍ଷତା ବିକାଶ ପଦକ୍ଷେପର ପ୍ରଶଂସା କରିଥିଲେ । ଶ୍ରୀ ମଲ୍ଲିକ ତାଙ୍କ ବକ୍ତବ୍ୟରେ ପ୍ରକଳ୍ପର ସଫଳତା ଉପରେ ଆଲୋକପାତ କରିଥିଲେ ଏବଂ ଦକ୍ଷତା-ଭିତ୍ତିକ ଜୀବିକା କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାୟୀ ସମ୍ପ୍ରଦାୟ ବିକାଶ ପାଇଁ କାରଖାନାର ପ୍ରତିବଦ୍ଧତାକୁ ଦୋହରାଇ ଥିଲେ । ସେ ଅଂଶଗ୍ରହଣକାରୀଙ୍କ ସଫଳତାର କାହାଣୀ ବର୍ଣ୍ଣନା କରି ପ୍ରକଳ୍ପ ର ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀତା ଦିଗରେ ଲିଡ୍ ଏବଂ ସ୍ଥାନୀୟ ପ୍ରଶାସନର ସମର୍ଥନକୁ ସ୍ୱୀକାର କରିଥିଲେ । ଟି ବି ଟମ୍ବୋ, ଡିଜିଏମ୍ (ସିଏସଆର ) ସମାବେଶକୁ ସ୍ୱାଗତ କରିଥିଲେ ଓ ଏ କେ ସିଂହ ଆନୁଷ୍ଠାନିକ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ । ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ମହମ୍ମଦ ଜାହିଦ ଅଖତର, ସେକ୍ସନ୍ ଆସୋସିଏଟ୍ (ସି ଏସ ଆର) । ଉଲ୍ଲେଖଯୋଗ୍ୟ ଯେ, ଏହି ପ୍ରୟାସର ଲକ୍ଷ୍ୟ ନିଯୁକ୍ତି ଯୋଗ୍ୟ ଦକ୍ଷତା ବୃଦ୍ଧି କରିବା, ଆଦିବାସୀ କଳାକୁ ପ୍ରୋତ୍ସାହିତ କରିବା ଏବଂ ଅଂଚଳର ମହିଳାମାନଙ୍କ ପାଇଁ ସ୍ଥାୟୀ ଜୀବିକା ନିର୍ଦ୍ଧାରଣ ସୁଯୋଗ ସୃଷ୍ଟି କରିବା । ତିନି ମାସର ପାଠ୍ୟକ୍ରମରେ ମାଷ୍ଟର ଟ୍ରେନର କାନ୍ଥ ସିଲାଇ ଏବଂ କପଡ଼ା ଚିତ୍ରକଳା ଉପରେ ଶିକ୍ଷା ପ୍ରଦାନ କରିଥିଲେ, ଯାହା ମହିଳାମାନଙ୍କୁ ଲଜିକ ପୋଷାକ, ଗୃହ ସାଜସଜ୍ଜା ଏବଂ ଆନୁଷଙ୍ଗିକ ସାମଗ୍ରୀ ଭଳି ବଜାରଯୋଗ୍ୟ ଉତ୍ପାଦ ତିଆରି କରିବାକୁ ସକ୍ଷମ କରିଥିଲା । ବିପିଏଲ୍ ପରିବାରରୁ ମନୋନୀତ ୧୫-୪୫ ବର୍ଷ ବୟସର ପ୍ରଶିକ୍ଷାର୍ଥୀମାନେ ଏଥିରେ ଶିକ୍ଷା ଲାଭ କରିଥିଲେ ।

## ସ୍ୱର୍ଣ୍ଣଚୂଡ ସାହିତ୍ୟ ପରିବାରରେ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳିତ

ନୀଳଗିରି, ୧୨/୦୩ (ଆ.ପ୍ର) : ଶାସ୍ତ୍ରୀୟତା ଜ୍ଞାନ ଗରିମାର ଆଧାର ନୁହେଁ । ଶାସ୍ତ୍ରୀୟତା ଜାତିର ମୂଳ ପରିଚୟ । ଭାଷା ଭାବର ବାହକ । ଭାଷା ବିକାଶର ମାଧ୍ୟମ ହେଉ । ବଧିବିଙ୍କ ପରି ଉପର୍ଗୀକୃତ ହେବା କରୁରା । ଶାସ୍ତ୍ରର ଅନୁବିଧ ମାନୁଥିବା ଭାଷା ଶାସ୍ତ୍ରୀୟ ଭାଷା ଅଟେ । ଶାସ୍ତ୍ରୀୟଭାଷା ସାହିତ୍ୟ ନୁହେଁ, ଜ୍ଞାନକୁ ଗୁରୁତ୍ୱ ଦିଏ । ସର୍ବୋପରି ଜଗତ୍ମାତ୍ରଙ୍କ ଭାଷା ହିଁ ଓଡ଼ିଆ ଭାଷାବୋଲି ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳନ ଅବସରରେ ସ୍ୱର୍ଣ୍ଣଚୂଡ ସାହିତ୍ୟ ପରିବାର ଦ୍ୱାରା ଆୟୋଜିତ ୯୬ତମ ଜାଳଷ୍ଠରୀୟ ଆଲାପୀ ପାଠଚକ୍ରରେ ଆଲୋଚକ ବିଶିଷ୍ଟ ଭାଷା ଗବେଷକ ଡ. ସୁରୁତ କୁମାର ପୃଷ୍ଟି ଓ ଅତିଥି ଓଡିଶାର ପ୍ରଥିତଯଶା ସମୀକ୍ଷକ ପ୍ରଫେସର ସତ୍ୟେନ୍ଦ୍ର କୁମାର ତ୍ରିପାଠୀ ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ପରିବାରର ସମ୍ପାଦକ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କ ପୌରୋଳିତ୍ୟରେ ଜଟକରୁ କଳଷ୍ଟଶିଳ୍ପ ବର୍ଷା ଦାସ ସ୍ୱାଗତ ସଙ୍ଗୀତ ଓ ଶେଷରେ ଗବେଷକ ବିଜୟ କୁମାର ବଜାଲ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ ପୂର୍ବକ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ପାଠଚକ୍ରରେ ଶତାଧିକ ଭାଷା ଜିଜ୍ଞାସୁ ଶ୍ରୋତା ଯୋଗଦାନ କରିଥିଲେ ।

## ଶ୍ରୀହୀନ ହେବାକୁ ଯାଉଛି ମା' ଭୂଦାରଚଣ୍ଡୀଙ୍କ ପୀଠ ପ୍ରତିକାର ନେଇ ଉଠିଲା ଦାବୀ

ନୀଳଗିରି, ୧୨/୦୩ (ଆ.ପ୍ର) : ଉତ୍ତର ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ମଧ୍ୟରେ ସନନାଗଡର ମା'ଭୂଦାରଚଣ୍ଡୀ ପୀଠର ସ୍ୱତନ୍ତ୍ରତା ରହିଛି । ମା'ଙ୍କ ସ୍ଥାପନାନେଇ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ନଥିଲେ ମଧ୍ୟ ଲୋକକଥା ଅନୁଯାୟୀ ୧୪୫୨ ଖ୍ରୀଷ୍ଟାବ୍ଦରେ ରାଜା ବିଚାର ଭୂଜଙ୍କ ମାଆରା ମା'ଙ୍କ ସ୍ଥାପନ କରିଥିଲେ । ପରବର୍ତ୍ତୀ ସମୟରେ ରାଜା ଶ୍ୟାମଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ସ୍ୱପ୍ନାଦେଶପାଇ ମା'ଙ୍କ ମନ୍ଦିର ନିର୍ମାଣ କରିଥିବା ଜଣାଯାଏ । ତେବେ ପ୍ରାଚୀନ ଜୀର୍ଣ୍ଣରାଜିରେ ପରିପୂର୍ଣ୍ଣ ମନ୍ଦିରର ନିଖୁଣ କାରୁକାର୍ଯ୍ୟ ଏବେ ବିପନ୍ନରେ । ରକ୍ଷଣାବେକ୍ଷଣ ଅଭାବରୁ ଶ୍ରୀହୀନ ହେବାକୁ ଯାଉଛି ମନ୍ଦିର ଏବଂ ମନ୍ଦିର ବେଢ଼ା । ରାଜ୍ୟ ଦେବୋତର ବିଭାଗ ଅଧିନରେ ଥିବା ଏହି ମନ୍ଦିରର ସୁରକ୍ଷାପାଇଁ ପ୍ରଶାସନର ଆନ୍ତରିକତା ନଥିବା ମନେ ହୁଏ । ଦୀର୍ଘ ୫/୬ବର୍ଷ ମଧ୍ୟ କୌଣସି ପ୍ରତିକାର କରାଯାଇ ନାହିଁ । ତେବେ ରାଜ୍ୟ ପର୍ଯ୍ୟଟନବିଭାଗ ଦ୍ୱାରା ୨୦ଲକ୍ଷ ଟଙ୍କାର ଅନୁଦାନ ଆସିଥିଲେ ହେଁ ଦୁଇଟି ପର୍ଯ୍ୟାୟରେ ଟେଣ୍ଡର ହୋଇଥିଲା । ମାତ୍ର ପ୍ରଥମଥର ଜଣେ ମାତ୍ର ଆବେଦନକରିଥିବା ବେଳେ ଦ୍ୱିତୀୟଥର ଟେଣ୍ଡରରେ କେହି ଟେଣ୍ଡରଧାରି ଆବେଦନ କରିନଥିବାରୁ ଏହାର ଉନ୍ନତିକରଣ ହୋଇପାରିନଥିବା ନୀଳଗିରି ବିଧିଓ ବିକ୍ରମକେଶରୀ ପରିଡା ସୂଚନା ଦେଇଛନ୍ତି । ଯଦି ଖୁବଶୀଘ୍ର ମନ୍ଦିରର ମରାମତି ଓ ରଙ୍ଗକାର୍ଯ୍ୟ ନହୁଏ ତେବେ ମନ୍ଦିର ଶ୍ରୀହୀନହେବା ସହିତ ପାଣିଗଳି ମନ୍ଦିରପ୍ରତି ବିପନ୍ନଥିବାର ଆଶଙ୍କା ରହିଛି । ଏଦିଗରେ ପ୍ରଶାସନ ଯତ୍ନବାନ ନହେଲେ ପୁରାତନ କୀର୍ତ୍ତିରାଜିର ଏହି ମନ୍ଦିରଟି ନିଜର ଅସ୍ତିତ୍ୱ ହରାଇବଦେବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶପାଇଛି ।

## ବିଲ କଡରେ ଅଚିହ୍ନା ମହିଳା ଉଦ୍ଧାର

ସିମୁଳିଆ, ୧୨/୦୩ (ଆ.ପ୍ର) : ବିଲ କଡରେ ପୋଲିସ ଦ୍ୱାରା ଅଚିହ୍ନା ମହିଳାଙ୍କ ମୃତଦେହ ଜବତ । ସୂଚନାରୁ ସିମୁଳିଆ ଥାନା ଅନ୍ତର୍ଗତ ମୁରୁଣ୍ଡା ସଂଚାୟତର ଭଣ୍ଡାରିମଠ ନିକଟରେ ଏକ ମହିଳାଙ୍କ ମୃତଦେହ ପଡିଥିବାର ଗ୍ରାମବାସୀ ଦେଖି ସିମୁଳିଆ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ସିମୁଳିଆ ପୋଲିସ ଘଟଣା ସ୍ଥଳରେ ପହଂଚି ମହିଳାଙ୍କ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାଯାଇଛି ।

## ୟୁକୋ ଆରଏସଇଟି ଆଇ ପକ୍ଷରୁ ଛତୁ ଚାଷ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ନୀଳଗିରି, ୧୨/୦୩ (ଆ.ପ୍ର) : ଖିପରା ବ୍ଲକ ଶ୍ୟାମସୁନ୍ଦରପୁର ପଂଚାୟତର ସନ୍ତରାଗଡିଆ ଗ୍ରାମ ରେ ବଧୁଆ ଉତ୍ପାଦିକା ଗୋଷ୍ଠୀ ସହାୟତା ରେ ୟୁକୋ ଆରଏସଇଟି ଆଇ ତରଫରୁ ୧୦ ଦିନିଆଁ ଛତୁ ଚାଷ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଆରଏସ ଲଟିଆଇ ଡାଇରେକ୍ଟର ଗଜେନ୍ଦ୍ର ସାହୁଙ୍କ ନିର୍ଦ୍ଦେଶ କ୍ରମେ, ଅଲିଖେଖ ସ୍ୱାଇଁଙ୍କ ସଂଯୋଜନା ସହିତ ପ୍ରଶିକ୍ଷିକା ଜମିମା ବେରେରାଙ୍କ ସଂଚାଳନରେ ବଧୁଆ ଉତ୍ପାଦିକା ଗୋଷ୍ଠୀର ମହିଳାଙ୍କ ସମେତ ଅନ୍ୟ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ ଏହି ଛତୁ ଚାଷ ପ୍ରଶିକ୍ଷଣ ଶିବିରରେ ଅଂଶ ଗ୍ରହଣ କରି ଚାଷର ପଦ୍ଧତି, ଛତୁରୁ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ବିକ୍ରୟରେ ଜାଣିବା ସହିତ ସଚକାରୀ ସ୍ତର ରେ ଛତୁ ଚାଷ ପାଇଁ ମିଳୁଥିବା ସହାୟତା ବିଷୟରେ ସବିଶେଷ ଜାଣିବାକୁ ପାଇଥିଲେ । କିଛି ମହିଳା ଆଗାମୀ ଦିନରେ ଛତୁ ଚାଷକୁ ବୃତି ଭାବେ ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରିଥିବା ସୂଚନା ମିଳିଛି । ବଧୁଆ ଉତ୍ପାଦିକା ଗୋଷ୍ଠୀର ଏଲଏସଏସ ଅନୁଶା ବାଗିକ, ସଭାପତି ଗୀତାଞ୍ଜଳି ଦେଇରି, ସମ୍ପାଦିକା ସଂଯୁକ୍ତା ବଳପତିଙ୍କ ସମେତ ଅନ୍ୟ ସଭ୍ୟ ସଭ୍ୟାମାନେ ଜେନା, ରଶ୍ମିତା ପାଢ଼ୀ, ପ୍ରମିଳା ପ୍ରଧାନ, ମିନା ଦାସ, ସରସ୍ୱତୀ ପଡିତା, କମଳିନୀ ନାୟକ, ବିଷ୍ଣୁପ୍ରିୟା ସାହୁ, ତାରାମାଣି ଜେନା, ସିପ୍ରା ନାୟକ, ସାବିତ୍ରୀ ପଡିତା, କଳ୍ପନା ଦାସ, ମାନତୀ ବାଲିକ, ସୁଲାନ୍ତି ପ୍ରଧାନ, ମନ୍ଦାକିନୀ ସେନାପତି, ସରିତା ସେନାପତି, ସୁଲୋଚନା, ସର୍ବୁତା ରାଉତ, ପଦ୍ମାବତୀ ଗୁରୁ, ହେମଲତା ଜେନା, ସେମନ୍ତି, ଶକୁନ୍ତଳା ପଣ୍ଡିଗ୍ରହୀ ପ୍ରମୁଖ ୩୫ ଜଣ ମହିଳା ବିଗତ ୧୦ ଦିନ ଧରି ସକାଳ ୧୦ ଘଟିକା ଠାରୁ ଆରମ୍ଭ କରି ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ପ୍ରଶିକ୍ଷଣ ଶିବିର ରେ ଉପସ୍ଥିତ ରହି ଛତୁ ଚାଷ ସମ୍ପର୍କୀୟ ଜ୍ଞାନ କୌଶଳ ଶିକ୍ଷା କରିଥିବା ଦେଖା ଯାଇଛି ।

## ବାଲେଶ୍ୱରରେ ଚିନ୍ମୟ ମିଶନ ନୂତନ ଗୃହ ଉଦ୍‌ଘାଟନ ଉତ୍ସବ ଓ ଶ୍ରୀରାମ ଚରିତ ମାନସ ଜ୍ଞାନଯଜ୍ଞ ପ୍ରବଚନ

ବାଲେଶ୍ୱର, ୧୨/୦୩ (ଆ.ପ୍ର) : କୁରୁଡ଼ାସ୍ଥିତ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଚିନ୍ମୟ ମିଶନ ବାଲେଶ୍ୱର ଶାଖାର ନିଜସ୍ୱ ଆଶ୍ରମର ଶୁଭଗୃହ ପ୍ରବେଶ ବୈଦିକ ରୀତିରେ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ଆଧ୍ୟାତ୍ମିକ କ୍ଷେତ୍ରରେ ଚିନ୍ମୟ ମିଶନର ବିଭିନ୍ନ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ । ମିଶନର ଆଗାମୀ କାର୍ଯ୍ୟକ୍ରମମାନଙ୍କରେ ତାଙ୍କର ସହଯୋଗ ରହିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ଦିବସବ୍ୟାପୀ ଗୃହପ୍ରବେଶ ଉତ୍ସବ ବୈଦିକ ରୀତିରେ ଅନୁଷ୍ଠିତ ହୋଇଥିବା ବେଳେ ମଧ୍ୟାହ୍ନରେ ମିଶନ ତରଫରୁ ପ୍ରସାଦସେବନ କାର୍ଯ୍ୟକ୍ରମରେ ସହସ୍ରାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । ସନ୍ଧ୍ୟାରେ ଚାରିପଦା ଚିନ୍ମୟ ମିଶନର ଆଚାର୍ଯ୍ୟ ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀ ଗୃହକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ପ୍ରଫୁଲ୍ଲ କୁମାର ଦାସ ଅତିଥି ମାନଙ୍କୁ ମ ଆହ୍ୱାନ କରିଥିଲେ । ମିଶନର ସଭାପତି ଡ. କ୍ଷିତୀଶ୍ୱର ଦାଶ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ବିଦ୍ୟାଳର ମହାପାତ୍ର ଅତିଥି ପରିଚୟ ସହ ଚିନ୍ମୟ ମିଶନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ବିବରଣୀ ପ୍ରଦାନ କରିଥିଲେ । ଓଡ଼

ସମ୍ବାଦକ
# ଆରମ୍ଭ
SEITHO ARAMBHA
ଶୁକ୍ରବାର, ୧୩ ମାର୍ଚ୍ଚ, ୨୦୨୬ : ଭାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

# ସମ୍ପାଦକୀୟ...

## ବିଚଳିତ ମଣିଷ

ଅତୀତର ମଣିଷ ଥିଲା ଏକ ସରଳ ଉପତ୍ୟକାର ଅଧିବାସୀ । ସାମୁହିକତା ସୂତ୍ରରେ ଆବଦ୍ଧ ଏହି ମଣିଷ ପାଇଁ ସୌଲାଗଂ ଥିଲା ସାମୁହିକ । କୃଷିଭିତ୍ତିକ ସଭ୍ୟତାରେ ବିଶ୍ୱାସୀ ପ୍ରାଚୀନ ମଣିଷ ପାଇଁ ଜୀବନ ଥିଲା ଦିନାଶର ଏକ ସୋପାନ । ପ୍ରାକୃତ କର୍ମରେ ବିଶ୍ୱାସ କରୁଥିବା ମଣିଷ କନ୍ଦମୂଳଫଳର ସୀମିତ ପରିବେଶ ମଧ୍ୟରେ ଜୀବନକୁ ଅବଗ୍ରୀପିତ କରିନିଥିଲା । ପ୍ରାଚୀନ ମଣିଷ ପାଇଁ ମୃତ୍ୟୁ ଥିଲା ଏକ ନୂତନ ଜୀବନର ପ୍ରସ୍ତୁତି କ୍ଷେତ୍ର । ଆଧୁନିକ ମଣିଷ କିନ୍ତୁ ଏହି ଚେତନା ଠାରୁ ବହୁ ଆଗରେ ଛିନ୍ନ । ସମୟର ଧାରାରେ ଆଜି ପୃଥିବୀ ବହୁଲାଦରେ ପରିବର୍ତ୍ତିତ । ବାଣ୍ଟି ଆପଣାର ଜ୍ଞାନ ବଳରେ ବହୁ ଅସାଧ୍ୟ ସାଧନ କରିବା ସହିତ ସମଗ୍ର ବିଶ୍ୱକୁ ଅନୁଧ୍ୟାନ କରିବାର ଶକ୍ତି ସଂଗ୍ରହ କରିପାରିଛି । ପରମ୍ପରାର ରୂପଚିତ୍ର ବଦଳିଛି ଏବଂ ବଦଳିଛି ମଧ୍ୟ ଜୀବନକୁ ବୁଝିବାର ଦୃଷ୍ଟିଭଙ୍ଗୀ । ଦିନେ ଦେବଶିଶୁ ଭାବେ ଶ୍ରେଷ୍ଠତ୍ୱ ଦାବି କରୁଥିବା ମଣିଷ; ଡାରଉଇନ୍‌ଙ୍କ ବିବର୍ତ୍ତନବାଦ ତ ୍ୱବଳରେ ମର୍କଟର ବଂଶଧରରେ ରୂପାନ୍ତରିତ ହୋଇଛି । ମାର୍କସ୍‌ଙ୍କ ସମାଜବାଦ, ଫ୍ରଏଡ୍‌ଙ୍କ ଯୌନତ ୍ୱ, ଆଇନ୍‌ଷ୍ଟାଇନ୍‌ଙ୍କ ଆପେକ୍ଷିକତ ୍ୱ- ଯୁଗ ଓ ଜାତିର ଚେତନାରେ ତୋଳିଛି ଅଭୂତପୂର୍ବ ପରିବର୍ତ୍ତନ । ନବ୍ୟ ଇତିହାସଲଭ୍ୟ ଅତୀତକୁ ଏକ ନୂଆ ଆଖି ନେଇ ଦେଖିବାର ଖୋରାକ୍ ଯୋଗାଇଛି । ଏଇଠା ଚିନ୍ତା ଅତିନ୍ଥା ଉପତ୍ୟକାର ସମାଜର ରାବରେ ପରିବର୍ତ୍ତିତ ବିଶ୍ୱ ଆଜି କ୍ରମଶଃ ସଂକୁଚିତ ହୋଇପଡ଼ିଛି । ପୃଥିବୀର କୋଣ ଅନୁକୋଣରେ ଘଟିଯାଉଥିବା ଘଟଣା ପ୍ରଯୁକ୍ତି ବିଦ୍ୟା ଦ୍ୱାରା ମୁହୂର୍ତ୍ତରେ ଆମ ଦିଗାଉଧାରୀକୁ ପ୍ରତାରିତ କରୁଛି । ମୁକ୍ତ ଅର୍ଥନୀତି ଏବଂ ଜଗତୀକରଣର ଜାଲୁଗ୍ରାସରେ ଆଟକିର ଜୀବନ ସମ୍ପୂର୍ଣ୍ଣରୂପେ କବଳିତ ହୋଇପଡ଼ିଛି । ଏହାବଦ ସହର ଶିକ୍ଷିତ ଭାରତୀୟ ଜନଜୀବନକୁ କରିଛି ବିପର୍ଯ୍ୟସ୍ତ । ଜିଗାମାଟିର ମୋହକୁ ପରିତ୍ୟାଗ କରି ଜୀବିକା ଅନ୍ୱେଷଣରେ ସହରାଭିମୁଖୀ ହେଉଥିବା ବିପୁଳ ଜନତାଙ୍କ ଅଖୁଣ୍ଣ ଇତିହାସ ଆଜି ସମଗ୍ର ଭାରତବର୍ଷକୁ ସବଳ ଓ ବଳିଷ୍ଠ କରିଦେବଛି । ଏ ପରିପ୍ରେକ୍ଷୀରେ କହିବାରେ ସାଂପ୍ରତିକ ମଣିଷ ଆଜି ବୁଦ୍ଧିଟି ପୃଥିବୀର ଅଧିବାସୀ । ଗୋଟିଏ ଦିଗରେ ପରମ୍ପରାର ପୃଥିବୀ ତାକୁ ନିତ୍ୟ ପ୍ରତ୍ୟହ ଆହ୍ୱାନିତ କଲାବେଳେ; ଅନ୍ୟ ଏକ ପୃଥିବୀ ତାକୁ ପ୍ରତିଷ୍ଠା ଓ ସଫଳତା ଦିଗରେ ଅଗ୍ରସର ହେବାକି ଡାକିଆସିଛି । ଗୋଟିଏ ଦିଗରେ ପାରମ୍ପରିକ ମୂଲ୍ୟବୋଧ, ନୀତି, ଆଦର୍ଶ; ଅନ୍ୟ ଦିଗରେ ବ ୍ୟବାର ସରଳତମ ସୂତ୍ର ଖୋଜୁ ଖୋଜୁ ବାଣ୍ଟି ହୋଇପଡ଼ିଛି ଲକ୍ଷ୍ୟାନ୍ତ । ସବୁ ବଦଳିବା ଭିତରେ କିନ୍ତୁ ମଣିଷର ଅନ୍ୱେଷା ତଥାପି କୌଣସି ସ୍ଥିର ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ଉପନୀତ ହୋଇପାରିନାହିଁ ।

ଆଧୁନିକ ଗଣତନ୍ତ୍ର ଭଳି ରାଷ୍ଟ୍ରବାଦ ମଧ୍ୟ ୟୁରୋପରୁ ଆମଦାନୀ ହୋଇଛି ଯାହା ଲୋକଙ୍କ ବର୍ଗୀକରଣ ବା ଜିରୋଡିକରଣର ଏକ ନୂତନ ଆଧାର ପ୍ରସ୍ତୁତ କରିଛି । ସାରା ବିଶ୍ୱରେ ରାଷ୍ଟ୍ରବାଦର ପ୍ରଭାବ ପଡ଼ିଛି । କେତେକ ଦେଶରେ ଏହାର ସାକାରାତ୍ମକ ପ୍ରଭାବ ପଡ଼ିଥିବା ବେଳେ କେତେକ ଦେଶରେ ନକାରାତ୍ମକ ପ୍ରଭାବ ମଧ୍ୟ ଦେଖିବାକୁ ମିଳୁଛି । ଯେଉଁସବୁ ଦେଶମାନଙ୍କରେ ଏହାର ସାକାରାତ୍ମକ ପ୍ରଭାବ ପଡ଼ିଛି ସେଠାରେ ଲୋକମାନେ ସମାନ ଭାବରେ, ସମାନ ଉପ-ଜାତିରେ, ସମାନ ଭାଷା ଏବଂ ସଂସ୍କୃତି ଏପରିକି ବ ିମାନ ଓ ଅତୀତର ଆଧାରରେ ସଂଗଠିତ ହୋଇଛନ୍ତି ଏବଂ ସେମାନଙ୍କର ବିକାଶ ଘଟିଛି । କିନ୍ତୁ ଯେଉଁଠି ଏହାର ନକାରାତ୍ମକ ପ୍ରଭାବ ପଡ଼ିଛି ସେଠି ପ୍ରତିଦ୍ୱନ୍ଦ୍ୱିତା, ଘୃଣା ଏବଂ ସଂଘର୍ଷ ଘଟଛି ଓ ଘଟୁଛି । ରାଷ୍ଟ୍ରବାଦ ସୃଷ୍ଟ ଚରମତମ ମୂଲ୍ୟ ପାରିଫାଲଥାଏ ଯାହା ଆଗରେ ମାନବୀୟ ମୂଲ୍ୟର କୌଣସି ଗୁରୁତ୍ୱ ରହିନଥାଏ ଯଦିଓ ଏହା ମାନବୀୟ ଅସ୍ତିତ୍ୱର ଆଧାର ଅଟେ । ରାଷ୍ଟ୍ରବାଦୀମାନେ ଜଳୁଟ ରାଷ୍ଟ୍ରଭକ୍ତିରେ ସର୍ବସ୍ୱତ୍ୟାଗ କରିଦେଇଥାନ୍ତି ଯାହା ମନୁଷ୍ୟର ଜଗତୀୟ ନୁହେଁ । ରାଷ୍ଟ୍ରବାଦ ମନୁଷ୍ୟକୁ 'ବିଶ୍ୱ ସମାଜ'ରେ ଅବସ୍ତାପିତ କରିଥାରେ ଯେ ଦେବତ୍ୱ ବାଧକ ସାଜିଥାଏ ତା' ନୁହେଁ, ବାସ୍ତବରେ ଏହା ମନୁଷ୍ୟର ଜଳ୍ପନା, ତା' ଭିତରେ ଥିବା ମାନବିକତାକୁ ସଙ୍କୁଚିତ ଅଥବା ସୀମିତ ମଧ୍ୟ କରି ଦେଇଥାଏ ।

୧୯୧୬-୧୭ ମସିହାରେ ଯେଉଁଦିନ ପ୍ରଥମ ବିଶ୍ୱଯୁଦ୍ଧ ଚାଲିଥିଲା ସେତେବେଳେ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ଜାପାନ ଓ ଆମେରିକା ଗସ୍ତ କରିଥିଲେ ଓ ରାଷ୍ଟ୍ରବାଦର ବିଷୟରେ ବ୍ୟାଖ୍ୟାନ ମଧ୍ୟ ଦେଇଥିଲେ । ରବୀନ୍ଦ୍ରନାଥ ରାଷ୍ଟ୍ର ପ୍ରସଙ୍ଗରେ କହିଥିଲେ - "ରାଷ୍ଟ୍ରର ବିଚାର ମାନବ ଦ୍ୱାରା ଆବିଷ୍କୃତ ଅତେତ ହେବାର ଶକ୍ତିଶାଳୀ ଔଷଧ ଅଟେ । ଏହାର ପ୍ରଭାବରେ ସାରା ଦେଶ, ନୈତିକ ବିକୃତି ଗାବଦରେ ସଚେତ ନହୋଇ ସ୍ୱାର୍ଥସିଦ୍ଧି କାର୍ଯ୍ୟକୁମକୁ ବ୍ୟବସ୍ଥିତ ଢ଼ଙ୍ଗରେ ଲାଗୁ କରିପାରେ ।" ରବୀନ୍ଦ୍ରନାଥ ଦେଖିଛି ବିଶ୍ୱ ଚେତନା ସମସ୍ତଙ୍କୁ ସେତେବେଳେ ଆତଙ୍କିତ କରିଦେଇଥିଲା । କାରଣ ସେତେବେଳେ ପଶ୍ଚିମବଙ୍ଗ (ବଙ୍ଗଳା)ରେ ନବଜାଗରଣ ଚଳାଳା ଉପ-ରାଷ୍ଟ୍ରୟତାକୁ ମଜବୁତ କରିଦେଇଥିଲା ଓ ବଙ୍ଗଳା ସାହିତ୍ୟ ପରମତ୍ତ ବିଚାରକ ରାଜତ୍ୱ ରାଷ୍ଟ୍ରୟତା ପାଇଁ ଜିମ୍ମି ପ୍ରସ୍ତୁତ କରିପାରେ ସହାୟକ ହୋଇଥିଲା । ଆଉ ଏକ ଗୋଟକ ବିଷୟ ହେଉଛି ସ୍ୱାଧୀନତା ଆନ୍ଦୋଳନର ମୁଖ୍ୟ ପୁରୋଧା ମହାତ୍ମା ଗାନ୍ଧି ମଧ୍ୟ ରାଷ୍ଟ୍ରବାଦର ସହାୟତା ନେଇନଥିଲେ । ଗାନ୍ଧିଙ୍କ ସ୍ୱଦେଶୀ ବିଚାର ଉପନିବେଶବାଦକୁ ଅଧିକ ବିରୋଧ କରିପାରୁଥିଲା । ଏସବୁ ପରେ ବଙ୍ଗଳାରେ ନବଜାଗରଣ, ୧୮୫୭ର ପ୍ରଥମ ସ୍ୱାଧୀନତା ସଂଗ୍ରାମ ସହ ବ୍ରିଟିଶ୍ ଉପନିବେଶବାଦ ବିରୁଦ୍ଧରେ ଚାଲିଥିବା ସବୁ ଛୋଟ ବଡ଼ ଲଢ଼େଇ ଭାରତ ଉପମହାଦ୍ୱୀପରେ ଏକ ରାଷ୍ଟ୍ରୟତାର ନିର୍ମାଣ କରିଥାଇଥିଲା ଓ ଗାନ୍ଧିଙ୍କ ସମୟ ପୂର୍ବରୁ ଏକ ସ୍ୱତନ୍ତ୍ର ମଧ୍ୟ ହୋଇସାରିଥିଲା ।

ଗାନ୍ଧି କିନ୍ତୁ ଏହି ଜାଗରଣକୁ ରାଷ୍ଟ୍ରବାଦରେ ସୀମିତ କରିନଥିଲେ । ଗାନ୍ଧି ଏହିପରି ଘରୋଇ ୟୁରୋପର ଲୌକିକବାଦୀ ସରୟତାର ବିଜଳର ସନ୍ଧାନରେ ପ୍ରଯୁକ୍ତ କରିବାକୁ ଚାହୁଁଥିଲେ । ଭନବିଂଶ ଶତାବ୍ଦିର ଉ ରାର୍ଦ୍ଧରେ ଚାଲିଥିବା ମନ୍ଥନ ପରେ ଜେଶଦଚନ୍ଦ୍ର ସେନ, ସୁରେନ୍ଦ୍ର ନାଥ ବାନାର୍ଜୀ, ରାମକୃଷ୍ଣ ପରମହଂସ, ବିବେକାନନ୍ଦ, ଦାଦାଭାଇ ନାରୋଜି ଏବଂ ଗୋଖିଲେଙ୍କ ବିଚାରଧାରାକୁ ଅନୁରୂପ ଭାବେ ଏହାକୁ ବିବେଚନା କରାଯାଇଥିଲା । ରବୀନ୍ଦ୍ରନାଥ କିନ୍ତୁ ଏହାକୁ ସର୍ବାଧିକ ବିନାଶକାରୀ ଆଖ୍ୟା ଦେଇ ସମାଲୋଚନା କରିଥିଲେ । କିନ୍ତୁ ଭାରତୀୟ ରାଷ୍ଟ୍ରବାଦର ଏକ ବ୍ୟାପକ ଅର୍ଥ ରହିଛି । ଏହା ଶୋଷିତ-ପୀଡ଼ିତ ମାନବତାର ମୁକ୍ତିର ଆହ୍ୱାନିକ ାଭାବେ ପରିଗଣିତ ହୋଇଛି । ଭାରତୀୟ ରାଷ୍ଟ୍ରବାଦ ପ୍ରଜାରେ ଚର୍ଚ୍ଚା କରାବେଳେ ୟୁରୋପୀୟ ରାଷ୍ଟ୍ରବାଦ ସହ ପ୍ରାୟତଃ ଏହାକୁ ତୁଳନା କରାଯାଇଥାଏ ଓ ଏକ ନିର୍ଦ୍ଦିଷ୍ଟ ଆସେ ଯେ, "ଭାରତ ବେଳେ ଏକ ରାଷ୍ଟ୍ର ହୋଇ ରହିନାହିଁ, ଅର୍ଥାତ୍ ଭାରତ ବହୁ ରାଷ୍ଟ୍ରୟତାର ଦେଶ ଅଟେ ।" ଅସଲ କଥା ହେଉଛି ୟୁରୋପରେ ସମରୁପତା ଏବଂ ନୃତାତ୍ତ୍ୱିକ ସମାନତା ମୁଖ୍ୟ ରୂପରେ ରାଷ୍ଟ୍ରବାଦର ଆଧାର ଏଣୁ ସେଇ ଦୃଷ୍ଟିରେ ଭାରତକୁ ବହୁ ରାଷ୍ଟ୍ରୟତାର ଦେଶ ବୋଲି କୁହାଯାଏ ।

'ରାଷ୍ଟ୍ରବାଦ'ର ପ୍ରତିପାଦକ ଥିଲେ ଜନ୍ ଗଟଫ୍ରେଡ୍‌ହର୍ଡର ଯିଏ ଅଷ୍ଟାଦଶ ଶତାବ୍ଦିରେ ପ୍ରଥମେ ଏହି ଶବ୍ଦର ପ୍ରୟୋଗ କରିଥିଲେ ଓ ଜର୍ମାନ ରାଷ୍ଟ୍ରବାଦର ମୂଳଦୁଆ ପକାଇଥିଲେ । ହର୍ଡର ସମାନ ଭାବ୍ତି ଏବଂ ଭାଷାର ବ୍ୟାଖ୍ୟା ଦେଇ ଜର୍ମାନକୁ ଗୋଟିଏ ରାଷ୍ଟ୍ର ଭାବେ ସଂଗଠିତ ହେବାପାଇଁ ଆହ୍ୱାନ ଦେଇଥିଲେ । ମୂଳ ରୂପରେ ଜଣେ ସାହିତ୍ୟିକ ଓ ସମାଲୋଚକ ଥିଲେ ହର୍ଡର । କିନ୍ତୁ ସେ ଜେବେ ଲାଭିନ୍‌ଥିବେ ଯେ, ତାଙ୍କ ଆବିଷ୍କୃତ ଶବ୍ଦ ବିଶ୍ୱକୁ ଏମିତି ବଦଳାଇଦେବ । ଏହି ରାଷ୍ଟ୍ରବାଦ ୟୁରୋପରେ 'ରାଷ୍ଟ୍ର-ରାଜ୍ୟ'ର ଆଧାର ପାଲଟିଗଲା ଏବଂ ଏବେ ସାରା ବିଶ୍ୱରେ ବୋଧହୁଏ 'ରାଷ୍ଟ୍ର ରହିତ ରାଜ୍ୟ' ନାହିଁ । ଏହି ରାଷ୍ଟ୍ରବାଦ ଏମିତି ବ୍ୟାପିଲା ଏବଂ ସାଂଘାତିକ ହେଲା ଯେ, ଧର୍ମକୁ ମଧ୍ୟ ରାଷ୍ଟ୍ରୟତାର ଆଧାର କରିଦେଆଗଲା । ଏହାର ପ୍ରଥମ ଶୀକାର ହେଲା ଭାରତ, ଯାହାର ଶହ ଶହ ବର୍ଷର ସଦ୍ଭାବରେ ଏଇକି କୌଣସି ଧାରଣା ବା ବିଚାର ନଥିଲା ଯେଉଁଥିପାଇଁ ମନୁଷ୍ୟତା ଏବଂ ସାର୍ବଭୌମିକ ବନ୍ଧୁତାର ବିଚାର ସର୍ବୋପରି ଥିଲା ।

ବିବେକାନନ୍ଦ, ରବୀନ୍ଦ୍ରନାଥ ଏବଂ ଗାନ୍ଧି ମନୁଷ୍ୟତା ଏବଂ ସାର୍ବଭୌମିକ ବନ୍ଧୁତାର ବିଚାରକୁ ଆଧାର କରି ୟୁରୋପୀୟ ଭୌତିକବାଦୀ ଲୋକୁପତା ଏବଂ ଆକ୍ରମଣତାର ଉ ର ଖୋଜିଥିଲେ । ବିଶ୍ୱମାନର କଥା ହେଉଛି ପରବ ୀ ସମୟରେ ଭାରତର କମ୍ୟୁନିଷ୍ଟମାନେ ବିଚିତ୍ରଭାବେ ହର୍ଡରଙ୍କ ଦୃଷ୍ଟିରେ ଦେଖିଲେ ଏବଂ ଭାରତରେ ଅନେକ ରାଷ୍ଟ୍ରୟତା ଥିବା କଥାକୁ ସ୍ୱୀକାର କରିଥିଲେ । ତାହାହେଲେ ଭାରତୀୟ ରାଷ୍ଟ୍ରବାଦ କ'ଣ ଏକ ରୁଟିପୂର୍ଣ୍ଣ ଜଳ୍ପନା, ଏହାର କ'ଣ କିଛି ଅସ୍ତିତ୍ୱ ନାହିଁ? କ'ଣ ଭାରତର ଲୋକଙ୍କ ଭିତରେ ଏକତ୍ୱର ଏମିତି କିଛି ସୂତ୍ର ନାହିଁ ବା ନଥିଲା, ଯାହା ସେମାନଙ୍କୁ ବାନ୍ଧି ରଖିବା ଏବଂ ଏକ ଦେଶର ଭାବ ଜାଗ୍ରତ କରିବାରେ ଅସମର୍ଥ? ୟୁରୋପର ବିପରୀତ ଭାରତୀୟ ରାଷ୍ଟ୍ରବାଦର ଆଧାର ବହୁଳତା ଏବଂ ବିବିଧତା ହିଁ ରହିଛି ଯାହା ଏବେ ଆମେରିକାରେ ମଧ୍ୟ ରହିଛି । ଏଥିକୁ ୟୁରୋପର ନିଷ୍ପର୍ଣ୍ଣ ଉପରେ ପରମ୍ପରା ଯାଇପାରିବ ନାହିଁ । ଭାରତର ଯେଉଁ କଳ୍ପନା ବା ବିଚାର ରହିଛି ଉପନିବେଶ ଜାଳରେ ତାହା ଏକ ମୂର୍ତ୍ତି ଆକାର ଅବଶ୍ୟ ନେଇଥିଲା, କିନ୍ତୁ ବାସ୍ତବରେ ଶହ ଶହ ବର୍ଷ ଧରି ଏହା ଭାରତବାସୀଙ୍କ ମାନସପଟରେ ସ୍ମୃତି ଏବଂ କଳ୍ପନାରେ ରହିଆସିଥିଲା ଓ ଏବେ ମଧ୍ୟ ରହିଛି । ଏହାର ଏକ ଗୌରୋଜିକ ପରିଚୟ ମଧ୍ୟ ରହିଛି ଯାହା ଆଜିବି ଧାର୍ମିକ ଅନୁଷ୍ଠାନମାନଙ୍କରେ ଶୁଣିବାକୁ ମିଳେ । 'ଜମ୍ବୁଦ୍ୱିପେ, ଉ ରାଖଣ୍ଡ, ଆର୍ଯ୍ୟାବର୍ତ୍ତେ' ଜାତି ଶବ୍ଦରେ । ଯଙ୍ଗରେ ବେଦବାଗମାନେ ଆହ୍ୱାନ ପାଇଁ ଯଜମାନ ଏବଂ ଯଜ୍ଞର ଅବଶ୍ୟକ୍ତିକୁ ଏହି ଶବ୍ଦ ସବୁ ଯୋଡ଼ିଥାଏ ।

ଏଠି କୌଣସି ଏକ ଦେଶର ଭୂଗୋଳ ନୁହେଁ ବରଂ ବୃହତ୍ ଭୂଭାଗର ପରିଚୟ କୁହାଯାଏ, ଯେଉଁଠି ସମସ୍ତଙ୍କର ନିବାସ ରହିଛି । ଭାରତୀୟ ରାଷ୍ଟ୍ରୟତା କୌଣସି ଜଣେ ପୂର୍ବତନ, କୌଣସି ସ୍ମୃତି ଏବଂ ଇତିହାସରୁ ସୃଷ୍ଟ ନୁହେଁ କିନ୍ତୁ ଏହାର ଆଧାର ଏକ ଭୂଖଣ୍ଡ ଅବଶ୍ୟ । ଏହା ଜମ୍ବୁଦ୍ୱିପ, ଉ ରାଖଣ୍ଡ ଓ ଆର୍ଯ୍ୟାବର୍ତ୍ତ ହୋଇପାରେ । ଏହି ବୃହତ୍ ଭୌଗୋଳିକ ସୀମା ଏକ ରାଜନୈତିକ ମାନଚିତ୍ରରେ ସମ୍ଭାବିତ ହୋଇନପାରେ କିନ୍ତୁ କାଶ୍ମୀର ଠାରୁ କନ୍ୟାକୁମାରୀ ଏବଂ ସିନ୍ଧ ଓ ହିନ୍ଦୁକୁଶଠାରୁ ଆସାମ ପର୍ଯ୍ୟନ୍ତ ପରିଧିରେ ବସବାସ କରୁଥିବା ଲୋକଙ୍କ ମଧ୍ୟରେ ଏକଂବୃତ୍ତା ଭାବେ ସୃଷ୍ଟି କରିପାରେ ସମସ୍ତ ହୋଇଛି । ରାଜନୈତିକ ଭାବେ ଏହି ସମ୍ପୂର୍ଣ୍ଣ କ୍ଷେତ୍ର (ଉପମହାଦ୍ୱିପ)ରେ ଅନେକ ରାଜ୍ୟ-ସାମ୍ରାଜ୍ୟ ଏବଂ ଶାସନ ବ୍ୟବସ୍ଥା ଥିବା ମଧ୍ୟ ସତ୍ୟ ଯେ ଭାରତରେ ସବୁ ରାଜା, ସମ୍ରାଟ, ଗୁପ୍ତ, ମୌର୍ଯ୍ୟ, ଖିଲିଜି, ମୋଗଲ ଏପରିକି ଇଂରେଜମାନେ ଏହାକୁ ଗୋଟିଏ (ଦେଶୀ ରାଷ୍ଟ୍ର) ଭାବେ ଗଢ଼ିବାର ଉଦ୍ୟମ କରିଛନ୍ତି ।

ବିଦେଶୀ ଆକ୍ରମଣକାରୀଙ୍କ ପାଇଁ ଭାରତ ବିଜୟର ଅର୍ଥ ଥିଲା ଏହି ଜମ୍ବୁଦ୍ୱିପ, ଭାରତଖଣ୍ଡ, ଆର୍ଯ୍ୟାବର୍ତ୍ତ ଉପରେ ଏକଛତ୍ର ଶାସନ କରିବା । ଏହି ସମ୍ପୂର୍ଣ୍ଣ କ୍ଷେତ୍ର, ସମ୍ପ୍ରଦାୟ ଭୂଖଣ୍ଡର ଆଧାତ୍ମିକ ଏବଂ ସାମାଜିକ ଚେତନାର ସ୍ରୋତ ମଧ୍ୟ ସମାନ, ସ୍ୱପ୍ନ ଏବଂ ଆକାଂକ୍ଷା ମଧ୍ୟ ସମାନ ।

ରାମଚନ୍ଦ୍ରପୁର, ଖଣ୍ଡପୁର
ମୋ-୯୪୩୮୪୮୫୦୯୪

# ରାଷ୍ଟ୍ରୀୟତା ଏକ ଜଟିଳ ପ୍ରସଙ୍ଗ

## ॥ ଗୋପାଳ ମହାପାତ୍ର ॥

## ବିଚଳିତ ମଣିଷ

ଅତୀତର ମଣିଷ ଥିଲା ଏକ ସରଳ ଉପତ୍ୟକାର ଅଧିବାସୀ । ସାମୁହିକତା ସୂତ୍ରରେ ଆବଦ୍ଧ ଏହି ମଣିଷ ପାଇଁ ସୌଲାଗଂ ଥିଲା ସାମୁହିକ । କୃଷିଭିତ୍ତିକ ସଭ୍ୟତାରେ ବିଶ୍ୱାସୀ ପ୍ରାଚୀନ ମଣିଷ ପାଇଁ ଜୀବନ ଥିଲା ଦିନାଶର ଏକ ସୋପାନ । ପ୍ରାକୃତ କର୍ମରେ ବିଶ୍ୱାସ କରୁଥିବା ମଣିଷ କନ୍ଦମୂଳଫଳର ସୀମିତ ପରିବେଶ ମଧ୍ୟରେ ଜୀବନକୁ ଅବଗ୍ରୀପିତ କରିନିଥିଲା । ପ୍ରାଚୀନ ମଣିଷ ପାଇଁ ମୃତ୍ୟୁ ଥିଲା ଏକ ନୂତନ ଜୀବନର ପ୍ରସ୍ତୁତି କ୍ଷେତ୍ର । ଆଧୁନିକ ମଣିଷ କିନ୍ତୁ ଏହି ଚେତନା ଠାରୁ ବହୁ ଆଗରେ ଛିନ୍ନ । ସମୟର ଧାରାରେ ଆଜି ପୃଥିବୀ ବହୁଲାଦରେ ପରିବର୍ତ୍ତିତ । ବାଣ୍ଟି ଆପଣାର ଜ୍ଞାନ ବଳରେ ବହୁ ଅସାଧ୍ୟ ସାଧନ କରିବା ସହିତ ସମଗ୍ର ବିଶ୍ୱକୁ ଅନୁଧ୍ୟାନ କରିବାର ଶକ୍ତି ସଂଗ୍ରହ କରିପାରିଛି । ପରମ୍ପରାର ରୂପଚିତ୍ର ବଦଳିଛି ଏବଂ ବଦଳିଛି ମଧ୍ୟ ଜୀବନକୁ ବୁଝିବାର ଦୃଷ୍ଟିଭଙ୍ଗୀ । ଦିନେ ଦେବଶିଶୁ ଭାବେ ଶ୍ରେଷ୍ଠତ୍ୱ ଦାବି କରୁଥିବା ମଣିଷ; ଡାରଉଇନ୍‌ଙ୍କ ବିବର୍ତ୍ତନବାଦ ତ ୍ୱବଳରେ ମର୍କଟର ବଂଶଧରରେ ରୂପାନ୍ତରିତ ହୋଇଛି । ମାର୍କସ୍‌ଙ୍କ ସମାଜବାଦ, ଫ୍ରଏଡ୍‌ଙ୍କ ଯୌନତ ୍ୱ, ଆଇନ୍‌ଷ୍ଟାଇନ୍‌ଙ୍କ ଆପେକ୍ଷିକତ ୍ୱ- ଯୁଗ ଓ ଜାତିର ଚେତନାରେ ତୋଳିଛି ଅଭୂତପୂର୍ବ ପରିବର୍ତ୍ତନ । ନବ୍ୟ ଇତିହାସଲଭ୍ୟ ଅତୀତକୁ ଏକ ନୂଆ ଆଖି ନେଇ ଦେଖିବାର ଖୋରାକ୍ ଯୋଗାଇଛି । ଏଇଠା ଚିନ୍ତା ଅତିନ୍ଥା ଉପତ୍ୟକାର ସମାଜର ରାବରେ ପରିବର୍ତ୍ତିତ ବିଶ୍ୱ ଆଜି କ୍ରମଶଃ ସଂକୁଚିତ ହୋଇପଡ଼ିଛି । ପୃଥିବୀର କୋଣ ଅନୁକୋଣରେ ଘଟିଯାଉଥିବା ଘଟଣା ପ୍ରଯୁକ୍ତି ବିଦ୍ୟା ଦ୍ୱାରା ମୁହୂର୍ତ୍ତରେ ଆମ ଦିଗାଉଧାରୀକୁ ପ୍ରତାରିତ କରୁଛି । ମୁକ୍ତ ଅର୍ଥନୀତି ଏବଂ ଜଗତୀକରଣର ଜାଲୁଗ୍ରାସରେ ଆଟକିର ଜୀବନ ସମ୍ପୂର୍ଣ୍ଣରୂପେ କବଳିତ ହୋଇପଡ଼ିଛି । ଏହାବଦ ସହର ଶିକ୍ଷିତ ଭାରତୀୟ ଜନଜୀବନକୁ କରିଛି ବିପର୍ଯ୍ୟସ୍ତ । ଜିଗାମାଟିର ମୋହକୁ ପରିତ୍ୟାଗ କରି ଜୀବିକା ଅନ୍ୱେଷଣରେ ସହରାଭିମୁଖୀ ହେଉଥିବା ବିପୁଳ ଜନତାଙ୍କ ଅଖୁଣ୍ଣ ଇତିହାସ ଆଜି ସମଗ୍ର ଭାରତବର୍ଷକୁ ସବଳ ଓ ବଳିଷ୍ଠ କରିଦେବଛି । ଏ ପରିପ୍ରେକ୍ଷୀରେ କହିବାରେ ସାଂପ୍ରତିକ ମଣିଷ ଆଜି ବୁଦ୍ଧିଟି ପୃଥିବୀର ଅଧିବାସୀ । ଗୋଟିଏ ଦିଗରେ ପରମ୍ପରାର ପୃଥିବୀ ତାକୁ ନିତ୍ୟ ପ୍ରତ୍ୟହ ଆହ୍ୱାନିତ କଲାବେଳେ; ଅନ୍ୟ ଏକ ପୃଥିବୀ ତାକୁ ପ୍ରତିଷ୍ଠା ଓ ସଫଳତା ଦିଗରେ ଅଗ୍ରସର ହେବାକି ଡାକିଆସିଛି । ଗୋଟିଏ ଦିଗରେ ପାରମ୍ପରିକ ମୂଲ୍ୟବୋଧ, ନୀତି, ଆଦର୍ଶ; ଅନ୍ୟ ଦିଗରେ ବ ୍ୟବାର ସରଳତମ ସୂତ୍ର ଖୋଜୁ ଖୋଜୁ ବାଣ୍ଟି ହୋଇପଡ଼ିଛି ଲକ୍ଷ୍ୟାନ୍ତ । ସବୁ ବଦଳିବା ଭିତରେ କିନ୍ତୁ ମଣିଷର ଅନ୍ୱେଷା ତଥାପି କୌଣସି ସ୍ଥିର ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ଉପନୀତ ହୋଇପାରିନାହିଁ ।

## ରାଷ୍ଟ୍ରବାଦ

ଆଧୁନିକ ଗଣତନ୍ତ୍ର ଭଳି ରାଷ୍ଟ୍ରବାଦ ମଧ୍ୟ ୟୁରୋପରୁ ଆମଦାନୀ ହୋଇଛି ଯାହା ଲୋକଙ୍କ ବର୍ଗୀକରଣ ବା ଜିରୋଡିକରଣର ଏକ ନୂତନ ଆଧାର ପ୍ରସ୍ତୁତ କରିଛି । ସାରା ବିଶ୍ୱରେ ରାଷ୍ଟ୍ରବାଦର ପ୍ରଭାବ ପଡ଼ିଛି । କେତେକ ଦେଶରେ ଏହାର ସାକାରାତ୍ମକ ପ୍ରଭାବ ପଡ଼ିଥିବା ବେଳେ କେତେକ ଦେଶରେ ନକାରାତ୍ମକ ପ୍ରଭାବ ମଧ୍ୟ ଦେଖିବାକୁ ମିଳୁଛି । ଯେଉଁସବୁ ଦେଶମାନଙ୍କରେ ଏହାର ସାକାରାତ୍ମକ ପ୍ରଭାବ ପଡ଼ିଛି ସେଠାରେ ଲୋକମାନେ ସମାନ ଭାବରେ, ସମାନ ଉପ-ଜାତିରେ, ସମାନ ଭାଷା ଏବଂ ସଂସ୍କୃତି ଏପରିକି ବ ିମାନ ଓ ଅତୀତର ଆଧାରରେ ସଂଗଠିତ ହୋଇଛନ୍ତି ଏବଂ ସେମାନଙ୍କର ବିକାଶ ଘଟିଛି । କିନ୍ତୁ ଯେଉଁଠି ଏହାର ନକାରାତ୍ମକ ପ୍ରଭାବ ପଡ଼ିଛି ସେଠି ପ୍ରତିଦ୍ୱନ୍ଦ୍ୱିତା, ଘୃଣା ଏବଂ ସଂଘର୍ଷ ଘଟଛି ଓ ଘଟୁଛି । ରାଷ୍ଟ୍ରବାଦ ସୃଷ୍ଟ ଚରମତମ ମୂଲ୍ୟ ପାରିଫାଲଥାଏ ଯାହା ଆଗରେ ମାନବୀୟ ମୂଲ୍ୟର କୌଣସି ଗୁରୁତ୍ୱ ରହିନଥାଏ ଯଦିଓ ଏହା ମାନବୀୟ ଅସ୍ତିତ୍ୱର ଆଧାର ଅଟେ । ରାଷ୍ଟ୍ରବାଦୀମାନେ ଜଳୁଟ ରାଷ୍ଟ୍ରଭକ୍ତିରେ ସର୍ବସ୍ୱତ୍ୟାଗ କରିଦେଇଥାନ୍ତି ଯାହା ମନୁଷ୍

ଦୈନିକ
# ଆରମ୍ଭ
SEITHO ARAMBHA
ଶୁକ୍ରବାର, ୧୩ ମାର୍ଚ୍ଚ,୨୦୨୬ : ବାଲେଶ୍ୱର : ପୃଷ୍ଠା -୫

## ନୂଆପଡ଼ାରେ ଉଠା ଜଳସେଚନ ପ୍ରକଳ୍ପ ସମୀକ୍ଷା ବୈଠକ ଅନୁଷ୍ଠିତ

ନୂଆପଡା,୧୨/୦୩ (ଆ.ପ୍ର) : ନୂଆପଡା ଜିଲ୍ଲାପାଳ ମଧୁସୂଦନ ବାଙ୍କଙ୍କ ଅଧ୍ୟକ୍ଷତାରେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଓଡ଼ିଶା ଲିଫ୍ଟ ଇରିଗେସନ କର୍ପୋରେସନ (ଓଏଲଆଇସି) ଅଧୀନରେ ଚାଲୁଥିବା ଉଠା ଜଳସେଚନ କାର୍ଯ୍ୟକ୍ରମ ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରୁ ଜଣାପଡଲା ଯେ, ଜିଲ୍ଲାରେ ୧୦୦୦ଟି ସୋଲାର ଡିପ ବୋରୱେଲ ମଧ୍ୟରୁ ୮୭୬ଟି ସ୍ଥାନରେ ସୋଲାର ପ୍ୟାନେଲ ସ୍ଥାପନ କାର୍ଯ୍ୟ ସମାପ୍ତ ହୋଇଛି । ଅବଶିଷ୍ଟ ୧୨୪ଟି ମଧ୍ୟରୁ ୬୨ଟି ବୋରୱେଲରେ ସୋଲାର ସ୍ଥାପନ କାର୍ଯ୍ୟ ହୋଇସାରିଛି । ସେହିପରି ୧୦୬୪ଟି ପାରମ୍ପରିକ ଡିପ ବୋରୱେଲ ମଧ୍ୟରୁ ୯୫୧ଟି ସଫଳତାର ସହ ଖନନ କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ଅବଶିଷ୍ଟ କାମ ଚଳିତ ମାସ ଶେଷ ସୁଦ୍ଧା ସମାପ୍ତ କରିବାକୁ ଲକ୍ଷ୍ୟ ରହିଛି । ଡିଏଲଆଇସି (CLIPs) ପ୍ରକଳ୍ପ ଅଧୀନରେ ୨୬ଟି ପ୍ରକଳ୍ପ ପାଇଁ କାର୍ଯ୍ୟାଦେଶ ଜାରି ହୋଇ କାମ ଆରମ୍ଭ ହୋଇଛି । ଏଥିରୁ ୨ଟି ପ୍ରକଳ୍ପ ସମାପ୍ତ ହୋଇଥିବା ବେଳେ ୧୨ଟି ପ୍ରକଳ୍ପ ବିଦ୍ୟୁତ ସଂଯୋଗ ଅପେକ୍ଷାରେ ଅଛି ଏବଂ ୧୩ଟି ପ୍ରକଳ୍ପର କାମ ଚାଲିଛି । ଜିଲ୍ଲାରେ କାର୍ଯ୍ୟକ୍ଷମ ଥିବା ୬୯ଟି ଉଠା ଜଳସେଚନ ପ୍ରକଳ୍ପ ପୁନରୁଦ୍ଧାର ପାଇଁ ଡିପିଆର ଓଏଲଆଇସି ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱରକୁ ପ୍ରେରଣ କରାଯାଇଛି । ଅନୁମୋଦନ ପ୍ରାପ୍ତି ପରେ ପରବର୍ତ୍ତୀ କାର୍ଯ୍ୟକ୍ରମ ଗ୍ରହଣ କରାଯିବ । ଏହା ସହିତ ଅବଶିଷ୍ଟ ୪୭୬ଟି କୂଅର ପାରମ୍ପରିକ ଡିପ ବୋରୱେଲ ସ୍ଥାପନ ପାଇଁ ବିଦ୍ୟୁତୀକରଣ ସମ୍ପର୍କିତ ଡିପିଆର ମଧ୍ୟ ଓଏଲଆଇସି ମୁଖ୍ୟ କାର୍ଯ୍ୟାଳୟକୁ ପ୍ରେରଣ କରାଯାଇଛି ଏବଂ ଟେଣ୍ଡର ପ୍ରକ୍ରିୟା ପାଇଁ ଅପେକ୍ଷା କରାଯାଇଛି । ସେହିପରି ଅବଶିଷ୍ଟ ୩୦୫ଟି ସୋଲାର ଡିପ ବୋରୱେଲ ସ୍ଥାପନ ପାଇଁ ଡିପିଆର ପ୍ରେରଣ କରାଯାଇଥିବା ବେଳେ ଓଏଲଆଇସି ପରିଚାଳନା ନିର୍ଦ୍ଦେଶକଙ୍କ ଅନୁମୋଦନ ଅପେକ୍ଷାରେ ଅଛି । ବୈଠକରେ ଓଏଲଆଇସିର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରସନ୍ନ କୁମାର ସେଠୀ, ଡିପିଡବ୍ଲ୍ୟୁ ଡି ଏବଂ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶ୍ରୁତୀଶ ଦେବ ପଟିତା, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମାନସ ରଞ୍ଜନ ବୁଢାଙ୍କ ସହିତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ । ଉଠା ଜଳସେଚନ ସମ୍ପର୍କିତ ସମସ୍ତ ପ୍ରକଳ୍ପ ଉପଯୁକ୍ତ ଗୁଣବତା ସହିତ ସମୟସୀମା ମଧ୍ୟରେ ସଂପୂର୍ଣ୍ଣ କରିବା ପାଇଁ ଜିଲ୍ଲାପାଳ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ରକ୍ତ କର୍କଟ ରୋଗରେ ପୀଡିତ ୧୨ବର୍ଷର ଛାତ୍ରୀ ସହାୟତା ପାଇଁ ନିବେଦନ କଲେ ବାପା

ଗାଙ୍ଗୀ ଚୌଦ୍ୱାର, ୧୨/୦୩ (ଆ.ପ୍ର) : ଚୌଦ୍ୱାର ଫୌରପାଲିକା ଅନ୍ତର୍ଗତ ୧୧ ନମ୍ବର ୱାର୍ଡ ଓଟିଏମ କଲୋନୀର ନିରଞ୍ଜନ ରାଉତଙ୍କ ୧୨ ବର୍ଷର ଝିଅ ତପସ୍ୟା ରକ୍ତ କର୍କଟ ରୋଗର ପୀଡ଼ିତ । ତପସ୍ୟା ଓଟିଏମ ସୋପକୁଡ଼ା ହାଇସ୍କୁଲର ସପ୍ତମ ଶ୍ରେଣୀରେ ପଢୁଥିବା ବେଳେ ଗତ ୮ ମାସ ତଳେ ସେ ରକ୍ତ କର୍କଟରେ ପୀଡିତ ଥିବାର ଚିହ୍ନଟ ହୋଇଥିଲା । ପ୍ରଥମେ ଆଚାର୍ଯ୍ୟ ହରିହର କର୍କଟ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ । ପରେ ନିରଞ୍ଜନ ରାଉତ ଝିଅ କୁ ମୁମ୍ବାଇ ଟାଟା ମେମୋରିଆଲକୁ ଉନ୍ନତ ଚିକିତ୍ସା ନିମନ୍ତେ ନେଇଥିଲେ କିନ୍ତୁ ସେଠାରୁ ନିରାଶ ହୋଇ ପେରି ଲୁଚନେଶ୍ୱର ସ୍ଥିତ କାକଟି ଶଙ୍କର କ୍ୟାନସର ହସ୍ପିଟାଲରେ ଭର୍ତ୍ତି କରାଯାଇଛେ । ତପସ୍ୟାର କେମୋ ଥେରାପି ପରେ ମଧ୍ୟ ସ୍ୱାସ୍ଥ୍ୟ ଅବସ୍ଥାରେ କୌଣସି ଉନ୍ନତି ନହେବାରୁ ହସ୍ପିଟାଲ ପକ୍ଷରୁ ବୋନ୍ ମ୍ୟାରୋ ପରୀକ୍ଷା କରାଗଲା । ପରୀକ୍ଷା ରିପୋର୍ଟ ରେ ପାଜେଟିଭ ଆସିବା ପରେ ନିରଞ୍ଜନ ଭାଙ୍ଗି ପଡିଛନ୍ତି । କାରଣ ବୋନ୍ ମ୍ୟାରୋ ପ୍ରତିରୋପଣ ପାଇଁ ଡକ୍ଟରାର ଲକ୍ଷାଧିକ ଟଙ୍କାର ଆବଶ୍ୟକତା ରହିଛି । ଝିଅର ଏହି ଆଚାମାର ଚିକିତ୍ସା ସମୟରେ ନିରଞ୍ଜନ ନିଜର ସମସ୍ତ ଜମାପୁଞ୍ଜି ହରାଇ ସାରିଛନ୍ତି । ଏବେ ନିରଞ୍ଜନ ଓଡ଼ିଶାର ଜନ ସାଧାରଣ ଓ ସରକାରଙ୍କ ପାଖେ ନିଜ ଝିଅ ଚିକିତ୍ସା ପାଇଁ ଆର୍ଥିକ ସାହାଯ୍ୟ ପାଇଁ ନିବେଦନ କରିଛନ୍ତି । ତପସ୍ୟା ର ଚିକିତ୍ସା ପାଇଁ ଯେଉଁ ମାନେ ସହଯୋଗର ହାତ ବଢ଼େଇବା ଚାହୁଁଛନ୍ତି ନିରଞ୍ଜନଙ୍କ ମୋବାଇଲ ନମ୍ବର ୮୭୬୩୨୦୦୦୨୦ ରେ ଯୋଗାଯୋଗ କରିବାକୁ ଅନୁରୋଧ କରିଛନ୍ତି ।

## ଜିଲ୍ଲା ମହୋତ୍ସବ- ଯଯାତି ଉପଲକ୍ଷେ ସାମ୍ବାଦିକ ସମ୍ମିଳନୀ

ଯାଜପୁର, ୧୨/୦୩ (ଆ.ପ୍ର) : ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ମହୋତ୍ସବ 'ଯଯାତି' ପାଇଁ ପ୍ରସ୍ତୁତି ସମ୍ବନ୍ଧୀୟ ଏକ ସାମ୍ବାଦିକ ସମ୍ମିଳନୀ ସ୍ଥାନୀୟ ଇଷ୍ଟୋର ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ପ୍ରେସ ମିଟରେ ଯୋଗ ଦେଇ ଜିଲ୍ଲା ମହୋତ୍ସବ ସମ୍ବନ୍ଧୀୟ ବିବରଣୀ ପ୍ରଦାନ କରିଛନ୍ତି । ଆସନ୍ତା ମାର୍ଚ୍ଚ ୨୦ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ପ୍ରଶାସନିକ ଭବନ ପରିସରରେ ଜିଲ୍ଲା ମହୋତ୍ସବ ଅତ୍ୟନ୍ତ ଚମତ୍କାର ପରିବେଶରେ ଅନୁଷ୍ଠିତ ହେବାକୁ ଯାଉଛି । ଏଥିରେ ସ୍ଥାନୀୟ କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଲୋକନୃତ୍ୟ ପରିବେଷଣ ହେବ । ରାଜ୍ୟ ବାହାରୁ ମଧ୍ୟ ପ୍ରତିଭାବାନ କଳାକାର ଯଯାତିକୁ ଆସିବା ନେଇ ଯୋଜନା ରହିଛି । ପାଂଚ ଦିନ ଧରି ଅନୁଷ୍ଠିତ ଏହି ମହୋତ୍ସବରେ କାଳ୍ୟାନ ବିଶିଷ୍ଟ ବ୍ୟକ୍ତିବିଶେଷମାନେ ଅତିଥି ଭାବେ ନିମନ୍ତ୍ରିତ କରାଯାଇଛି । ଇତି ମଧ୍ୟରେ ଅର୍ଥନୀତି, ସାହିତ୍ୟ ଓ ଐତିହ୍ୟକୁ ନେଇ ଆଲୋଚନା ଚକ୍ର ସମ୍ପନ୍ନତାର ସହ ଆୟୋଜିତ ହୋଇଯାଇଛି । ଏହାସହ ମହୋତ୍ସବ ପୂର୍ବରୁ ପୂର୍ବାଭାସ ସ୍ୱରୂପ ମାର୍ଚ୍ଚ ୧୮ ତାରିଖ ସକାଳେ 'ପଥ ଉତ୍ସବ' ଆୟୋଜିତ ହେବା ନେଇ ଯୋଜନା ରହିଛି । ରାଜପଥରେ ଷ୍ଟୋର୍ସ, ଜୁୟା, ନୃତ୍ୟ ସଙ୍ଗୀତ ପ୍ରତିଯୋଗିତା, ରଙ୍ଗୋଲି, ପାରମ୍ପରିକ କଳା ଅନୁଷ୍ଠିତ ହେବ । ଯାଜପୁରର ଆଧ୍ୟାତ୍ମିକ ପରିବେଶକୁ ଦୃଷ୍ଟିରେ ରଖି ମାର୍ଚ୍ଚ ୧୮ ରୁ ୨୦ ତାରିଖ ଯାଏଁ ପ୍ରତ୍ୟେକ ରଙ୍ଗୀ ଆଳତା ଦୀପଗାରେ ଦଶାଶ୍ୱମେଧ ଘାଟରେ ବୈଠକଣ୍ଡା ଆଳତା ଅନୁଷ୍ଠିତ ହେବ । ସ୍ଥାନୀୟ ଉତ୍ପାଦର ପ୍ରସାର ଏବଂ ଆତ୍ମନିର୍ଭର ଭାରତ ଲକ୍ଷ୍ୟ ଆଧାରରେ ମହୋତ୍ସବ ପରିସରରେ ଗୁଳନ୍ତା ଶିଳ୍ପ ମେଳା ଏବଂ ପଲ୍ଲିଶ୍ରୀ ଓ ହସ୍ତତନ୍ତ ମେଳା ଆୟୋଜିତ ହେବ । ଏଥିରେ ପ୍ରାୟ ୨୫୦ ରୁ ଊର୍ଦ୍ଧ୍ୱ ବିଭିନ୍ନ ଷ୍ଟଲ୍ ରହିବ । ଏହାସହ ପାରମ୍ପରିକ ତଥା ଆଧୁନିକ ଖାଦ୍ୟ ଷ୍ଟଲ୍ ପାଇଁ ପୁରୁ କୋର୍ଟ ମଧ୍ୟ ରହିବ । ଜିଲ୍ଲା ମହୋତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ମହା ଆଡମ୍ବରରେ ଆୟୋଜନ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କରାଯାଉଛି । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଉପଖଣ୍ଡ ପରିଚାଳକ ଅଧିକାରୀ ସତ୍ୟବ୍ରତ ପାଣିଗ୍ରହୀ, ଜିଲ୍ଲା ପ୍ରକଳ୍ପ ସଂଯୋଜକ ମିଶର ଶୁକ୍ଳି ସୀତାଂଶୁ ଶେଖର ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପଟ୍ଟୀର ମୋହନ ଟୁଡୁ ଏବଂ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ନୀଳମାଧବଜୀଉ ବିଦ୍ୟାପୀଠରେ ଯୁକ୍ତଦୁଇ ଶ୍ରେଣୀ ଖୋଲା ଯାଉ

ଜଗତସିଂହପୁର, ୧୨/୦୩ (ଆ.ପ୍ର) : ଜଗତସିଂହପୁର ସଦର ମହକୁମା ସଂଲଗ୍ନ, କଟକଜିଲ୍ଲା ନିଆଳି ବ୍ଲକ, ଝିଟାଳ ଗ୍ରାମପଂଚାୟତ ଅଧୀନ ଶାସନପତା ଗ୍ରାମରେ ନୀଳମାଧବଜୀଉ ସରକାରୀ ଉଚ୍ଚବିଦ୍ୟାଳୟ ଅବସ୍ଥିତ । ଏହି ବିଦ୍ୟାଳୟରେ ପ୍ରଥମରୁ ଦଶମଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟବସ୍ଥା ଅଛି । ଦେବୀନଦୀ, ଭଦ୍ରକ ନଦୀ ଓ ଝିଟାଳନଦୀର ଠେର ମଧ୍ୟରେ ଥିବା ଏହି ଭୂଖଣ୍ଡଟି, କଟକଜିଲ୍ଲା ଓ ନିଆଳି ବ୍ଲକର ସୀମାନ୍ତ ଅଂଚଳ ଅଟେ । ଏହି ବିଦ୍ୟାଳୟରେ କଟକ ଜିଲ୍ଲା ଓ ଜଗତସିଂହପୁର ଜିଲ୍ଲା ର ଛାତ୍ରଛାତ୍ରୀ ମାନେ ଅଧ୍ୟୟନ କରନ୍ତି । ଉକ୍ତ ଉଚ୍ଚବିଦ୍ୟାଳୟରେ ଯୁକ୍ତଦୁଇ ଶ୍ରେଣୀ ଖୋଲାଯିବାର ଜରୁରୀ ଆବଶ୍ୟକତା ଅଛି । ଏଥିପାଇଁ ଆଚରଣାକ ଲିଖିତଭୂମି ରହିଛି । ଯୁକ୍ତଦୁଇ ଶ୍ରେଣୀ ଖୋଲିବା ପାଇଁ ସ୍ଥାନୀୟ ଜନସାଧାରଣଙ୍କ ତରଫରୁ ବାରମ୍ବାର ଦାବୀ ହୋଇଛି । ସରକାର ଆଗାମୀ ଦିନରେ ନୀଳମାଧିକାଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟରେ ଯୁକ୍ତଦୁଇ ଶ୍ରେଣୀ ଖୋଲିବାପାଇଁ ପଦକ୍ଷେପ ନେବାପାଇଁ ଓମ ପ୍ରକାଶ ବନ୍ତୁ, ସୁରେନ୍ଦ୍ର ସାହୁ, ଅନ୍ତର୍ଯ୍ୟାମୀ ନାୟକ, ରାଜଚରଣ ବନ୍ତୁ, ଇନ୍ଦ୍ରମଣି ଚେହେରା ପ୍ରମୁଖ ଦାବୀ କରିଛନ୍ତି ।

## ଚୌଦ୍ୱାର ଅବକାରୀ ଚଢ଼ାଉ ଦେଶୀ ମଦ ସହିତ ତିନି ଗିରଫ

ଗାଙ୍ଗୀ ଚୌଦ୍ୱାର, ୧୨/୦୩ (ଆ.ପ୍ର) : ଅବକାରୀ ସୁପ୍ରେଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶରେ ଚୌଦ୍ୱାର ଅବକାରୀ ଥାନା ତରଫରୁ କଣ୍ଟରା, ଶଙ୍କାଗାଁ ର ନିର୍ମିକ ରାଉତ ଡାଲିପୋଡ଼ା ବୁନ୍ଦୁପୁର ଆଦି ବିଭିନ୍ନ ଅଂଚଳରେ ଚଢ଼ାଉ କରି ହାତରୁଣ୍ଡା ଦେଶୀ ମହୁଲି ମଦ ବିକ୍ରୟ ପରିମାଣର ଜବତ୍ କରିଛି । ଏହି ଚଢ଼ାଉରେ୬୫ଲିଟର ଦେଶୀ ମହୁଲି ମଦ ସହିତ ଜଣେ ପୁରୁଷ ଓ ଦୁଇ ଜଣ ମହିଳା ମୋଟ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଇନ୍ସପେକ୍ଟର କହିଛନ୍ତି । ଏହି ଚଢ଼ାଉରେ ମାନସୀ ମଲ୍ଲିକ ଓ ଡାଲିପୋଡ଼ା ଉନ୍ନୁପୁରର ଚନମାଳା ମଲ୍ଲିକ ବୋଲି ଜଣା ପଡ଼ିଛି । ଉକ୍ତ ଜନସ୍ୱେଚ୍ଛରେ ଉକ୍ତ ବସ୍ତୁକ ବର୍ମା, ଆଶୁତୋଷ ଜେନା, ରାଜକୃଷ୍ଣ ବିଶ୍ୱାଳ, ସୁନିଲ ବଲ, ଲକ୍ଷ୍ମଣ, ଗୀତାଞ୍ଜଳି ଚେହେରା ପ୍ରମୁଖ ସାମିଲ ରହିଥିଲେ । ଆସାମୀ ମାନଙ୍କ ବିରୁଦ୍ଧରେ ଅବକାରୀ ମାମଲା ରୁଜୁ କରାଯାଇ ଅଛି । ଆସାମୀ ମାନଙ୍କର ନାମ ଯଥା କ୍ରମେ ମାଧବପୁରର ତୁଲି ରାଉତ, ନଗରା ନିର୍ମିକ ମଲ୍ଲିକ ଓ ଡାଲିପୋଡ଼ା ଉନ୍ନୁପୁରର ଚନମାଳା ମଲ୍ଲିକ ବୋଲି ଜଣା ପଡ଼ିଛି ।

## କଳାହାଣ୍ଡି କୋର୍ଟକୁ ବୋମା ଧମକ ଘଟଣାସ୍ଥଳରେ ପୋଲିସ ପହଂଚି ତଦନ୍ତ ଆରମ୍ଭ



କଳାହାଣ୍ଡି, ୧୨/୦୩ (ଆ.ପ୍ର) : ରାଜାର ପୁରୀ,ତରଡ଼ଡ଼ ପରେ କଳାହାଣ୍ଡି ଜିଲ୍ଲା କୋର୍ଟକୁ ବି ମିଳିଛି ବୋମ ଧମକ । କଳାହାଣ୍ଡି ଜିଲ୍ଲା ଓ ଦୌରା ଜର୍ଜଙ୍କୁ ଧମକପୂର୍ଣ୍ଣ ମେଲ୍ ଆସିଛି । ଏହି ଘଟଣା ସାମ୍ନାକୁ ଆସିବା ପରେ କୋର୍ଟକୁ ସ୍ଥାନୀୟ ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଛି । ଘଟଣାସ୍ଥଳରେ କଳାହାଣ୍ଡି ଜିଲ୍ଲାପାଳ ପାଣ୍ଡାର ବର୍ଚନ ପ୍ରକାଶ ଓ ଏସପି ନାଗରାଜ ଦେବରାଜୋଣ୍ଡା ମଧ୍ୟ ଉପସ୍ଥିତ ରହିଛନ୍ତି । ପ୍ରକାଶଥାଉଜି, ଆଜି ଏକାଥରେ ରାଜ୍ୟର ତିନୋଟି କୋର୍ଟକୁ ବୋମା ଧମକ ଆସିଛି । ବରଗଡ଼ ସିଭିଲ କୋର୍ଟକୁ ସୋମବାର ପୁଣି ଇ-ମେଲରେ ବୋମା ଧମକ ଆସିଛି । ଦିନ ୧ ଟାରେ ବୋମା ବିସ୍ଫୋରଣ ହେବ ବୋଲି ଧମକ ରହିଛି । ସେହିପରି ପୁରୀ କୋର୍ଟକୁ ପୁଣିଥରେ ବୋମା ଧମକ ମିଳିଛି । ଜନୈକ ସମ୍ପତ୍ତି ଜିଲା ଦୌରାଜଜଙ୍କୁ ଇମେଲ୍ କରିଥିଲା । ପୋଲିସ ଘଟଣାସ୍ଥଳରେ ପହଂଚି ଜାଚଜିନ୍ ଆରମ୍ଭ କରିଥିବା ଜଣାପଡିଛି ।

## ଅପହୃତ ଆଠ ବର୍ଷର ନାବାଳିକାଙ୍କ ମୃତ୍ୟୁ ଦେହ ଉଦ୍ଧାର, ୨୪ବର୍ଷର ଯୁବକ ଗିରଫ

ରାଜଗାଙ୍ଗପୁର, ୧୨/୦୩ (ଆ.ପ୍ର) : ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ନିଖୋଜ ଥିବା ଜଣେ ନାବାଳିକା(୮) ଙ୍କ ମୃତଦେହ ପୁଲିସ ବୁଧୁଆର ଅପରାହ୍ନରେ ଏକ ଜଙ୍ଗଲରୁ ଉଦ୍ଧାର କରିଛି । ନାବାଳିକାଙ୍କ ଟଂଟି ଟିପି ହତ୍ୟା କରିବା ପରେ ନିକଟସ୍ଥ ଜଙ୍ଗଲର ପାହାଡ଼ ତଟାଣ ତଳେ ଲୁଚାଇ ରଖିଥିଲା ଅଭିଯୁକ୍ତ । ଏହି ମାମଲାରେ ଜଣେ ୨୪ ବର୍ଷୀୟ ଯୁବକକୁ ଗିରଫ କରିଛି ରାଜଗାଙ୍ଗପୁର ପୁଲିସ ସୁନ୍ଦରଗଡ଼ ଏସପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମାମଲାର ତଦନ୍ତ କରାଯାଉଥିବା ଜଣାପଡ଼ିଛି । ସୂତ୍ରମାନୁଯାୟୀ, ଗତ ୯ ତାରିଖ ଦିନ ନାବାଳିକାଜଣେ ସ୍କୁଲ ଛୁଟି ହେବା ପରେ ପାଖରେ ଖେଳୁଥିଲେ । ଦିନ ପ୍ରାୟ ୪ଟାବେଳେ ସେ ହଠାତ୍ ନିଖୋଜ ହୋଇଯାଇଥିଲେ । ବହୁ ଖୋଜାଖୋଜି ପରେ ତାଙ୍କର କୌଣସି ପତା ନ ମିଳିବାରୁ ୧୦ ତାରିଖ ସକାଳେ ନାବାଳିକାଙ୍କ ମାମୁଁ ଆନାରେ ଲିଖିତ ଅଭିଯୋଗ କରିଥିଲେ । ଏନେଇ ରାଜଗାଙ୍ଗପୁର ପୁଲିସ ସବବେକନ ମଙ୍ଗଳବାର ଆଖପାଖ ଅଂଚଳରେ ଖୋଜାଖୋଜି କରିଥିଲେ ହେଁ କୌଣସି ସନ୍ଧାନ ମିଳିନଥିଲା । ଏହି ଘଟଣାରେ କିଛି ଯୁବକଙ୍କୁ ପୁଲିସ ଉଠାଇ ଆଣି ପଚରାଉଚରା କରିଥିଲା ଜଣେ ଅଭିଯୁକ୍ତର ବୟାନ ଆଧାରରେ ପୁଲିସ କୁଧଧାର ସଙ୍କାରୁ ଅସ୍ତ୍ରିଶମ ବାହିନୀ ଓ ସନ୍ଧାନୀ କୁକୁର ସହାୟତାରେ ପାହାଡ଼ ନିକଟରୁ ନାବାଳିକାଙ୍କ ମୃତଦେହ ଉଦ୍ଧାର କରିଥିଲା । ଆଜି ମୃତଦେହ ସଂତଦନାମା କରାଯାଇ ମର୍ଗରେ ରଖାଯାଇଛି । ଆସନ୍ତାକାଲି ଶବ ବ୍ୟବଚ୍ଛେଦ କରାଯିବ ଗିରଫାଁ ଆସିବା ପରେ ସମ୍ପୂର୍ଣ୍ଣ ଘଟଣାକ୍ରମ ଜଣାପଡ଼ିବ ବୋଲି ରାଜଗାଙ୍ଗପୁର ଏସ୍‌ଡିପିଓ ବିଭୂତି ରୋଲ ସୂଚନା ଦେଇଛନ୍ତି ।

## ସହଜ ଜନ ସେବାକେନ୍ଦ୍ର ଏକ ସ୍ୱତନ୍ତ୍ର ଉଦ୍ୟମ

ଦଶପଲ୍ଲା, ୧୨/୦୩ (ଆ.ପ୍ର) : ଦଳିତ ପତିତ ବଂଚିତ ଆଦିମ ଜନ ଜାତିଙ୍କୁ ସରକାରୀ ଯୋଜନା ସହିତ ସଂଯୋଗ କରିବା ଓ ସେମାନଙ୍କୁ ସଚେତନ କରିବା ଇତ୍ୟାଦି କ୍ଷେତ୍ରରେ ପ୍ରଚାର ଅଧିକାର, ଦଶପଲ୍ଲା ତରଫରୁ ଖୋଲା ଯାଇଥିବା ସହଜ ଜନ ସେବା କେନ୍ଦ୍ର ଅପାଂଚ ଲୋକଙ୍କ ପାଇଁ ବହୁତ ସହାୟକ ହେବ ବୋଲିଟି ପିସିଡିଏଏଲର ମୁଖ୍ୟ ଏଚଆର କେ. ରାଜି କୁମାର ଆଚାର୍ଯ୍ୟ ଗୁରୁବାର ଦିନ ଅଧିକାର କେନ୍ଦ୍ର ପରିଦର୍ଶନରେ ଆସି ଗ୍ରାମାଂଚଳରେ ଥିବା ଗରିବ ଲୋକମାନଙ୍କ ଅର୍ଥନୈତିକ ବିକାଶ କ୍ଷେତ୍ରରେ ପ୍ରଚାର ଅଧିକାରର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ନୟାଗଡ଼ ଜିଲ୍ଲା ମୁଖ୍ୟ ଯନ୍ତ୍ରୀ ସନ୍ତୋଷ ମହାପାତ୍ର, ଦଶପଲ୍ଲା ଏସଡିଓ ତନୁୟ ପୃଷ୍ଟି ଓ କଳିଙ୍গ ରାଉ ଜନସ୍ୱାର୍ଥ ଓ ଜନ ହିତକର କାର୍ଯ୍ୟକୁ ଭଲ ପ୍ରଶଂସା କରିଥିଲେ । ପ୍ରଚାର ଅଧିକାର ପରିଚାଳକ ପ୍ରଭାତ କୁମାର ସାହୁ ପ୍ରଚାର ଅଧିକାରର କାର୍ଯ୍ୟ କ୍ଷେତ୍ର, କାର୍ଯ୍ୟ ପ୍ରଣାଳୀ, କାର୍ଯ୍ୟ ଧାରା, ଲକ୍ଷ୍ୟ ଗୋଷ୍ଠୀ,ସଫଳ ହିତାଧିକାରୀ ଓ ସଫଳ ଲାଭଶୀ, ଗଣ ମାଧ୍ୟମ ରେ ପ୍ରକାଶିତ ବିବରଣୀ, ଫଂଗାୟତ ଅନୁଷ୍ଠାନ ମାନଙ୍କ ଦ୍ୱାରା ମିଳିଥିବା ପ୍ରଶଂସା ପତ୍ର, ଡିଜିନ୍ ଫଟୋ ଏବଂ ଆସନ୍ତା କାର୍ଯ୍ୟ ଯୋଜନା ଇତ୍ୟାଦି ବିଷୟରେ ଅବଗତ କରାଯାଇଥିଲେ ।

## ବାଦପୁର ଭାଗବତ ସପ୍ତାହରେ ମହନ୍ତ ସମ୍ମିଳନୀ

ପାଡ଼ପୁର, ୧୨/୦୩ (ଆ.ପ୍ର) : ପାଡ଼ପୁର ବ୍ଲକ ଅନ୍ତର୍ଗତ ବାଦପୁର ଠାରେ ଭାଗବତ ସପ୍ତାହ ପାଳନ ଅବସରରେ ଗତ କାଲି ଜନସ୍ୱ ଯାତ୍ରା ଓ ଅଧିବାସ ଅନୁଷ୍ଠିତ ହୋଇଥିବା ବେଳେ ଗୁରୁବାର ଭାଗବତ ପାରାୟଣ ଆରମ୍ଭ ହୋଇଯାଇଛି । ପ୍ରାରମ୍ଭିକ ଦିବସରେ ଏକ ମହନ୍ତ ସମ୍ମିଳନୀ କରାଯାଇଥିଲା । ଏହି ସମ୍ମିଳନୀରେ ବିଭିନ୍ନ ମହନ୍ତ ମାନଙ୍କୁ ସମ୍ମାନିତ କରାଯାଇଥିଲା । ଏହି ସମ୍ମିଳନୀରେ ବିଭିନ୍ନ ମହନ୍ତ ପ୍ରେମାନନ୍ଦ ଦାସ, ନବୀନ ଚନ୍ଦ୍ର ଦାସ, ରାମ ପ୍ରସାଦ ଦାସ, କାଂଚିଲି (ଆନ୍ଧ୍ର ପ୍ରଦେଶ) ମହନ୍ତ ଜାନକୀ ରାମ ଦାସ, କୋଳିସିଂହ ମହନ୍ତ କୃଷ୍ଣ ଚନ୍ଦ୍ର ଦାସ, ପାଡ଼ପୁର ମହନ୍ତ ଜୟରାମ ରାମାନୁଜ ଦାସ, ବଡ଼ବରଙ୍ଗୀ ମହନ୍ତ ସୀତାରାମ ଦାସ, ମନ୍ଦରକା ମହନ୍ତ ରାମ କିଶୋର ଦାସ, ମୈଶାନପୁର ମହନ୍ତ ସନ୍ତୁ ସନାତନ ଦାସ ଓ ତ୍ରିବିକ୍ରମ ଦାସ, ପଦାଘିଷି ମହନ୍ତ ରଘୁନାଥ ଦାସ, ନୂଆପେଣ୍ଡ ମହନ୍ତ ନରୋତମ ରାମାନୁଜ ଦାସ ଉପସ୍ଥିତ ରହି ଭାଗବତ ସପ୍ତାହର ଗୁରୁତ୍ୱ ଓ ତାତ୍ପର୍ଯ୍ୟ ବିଷୟରେ ଅବଗତ କରାଇଥିଲେ । ଭାଗବତ ଗୁଟୀ ପୁନଃ ଉଦ

ଦୈନିକ
# ଆରମ୍ଭ
SEITHO ARAMBHA

ଶୁକ୍ରବାର, ୧୩ ମାର୍ଚ୍ଚ, ୨୦୨୬ : ଭାଲେଶ୍ୱର : ପୃଷ୍ଠା -୬

## ସଂସଦରେ ଅଭିବ୍ୟକ୍ତିର ସ୍ୱାଧୀନତା ଧାର୍ଯ୍ୟ ନିୟମାଧୀନ ଅଟେ: ଲୋକସଭା ବାଚସ୍ପତି

ନୂଆଦିଲ୍ଲୀ, ୧୧/୦୩ (ପି.ଆଇ.ବି) : ସମ୍ବିଧାନ ଓ ସଂସଦର କାର୍ଯ୍ୟ ପ୍ରଣାଳୀକୁ ନିୟନ୍ତ୍ରଣ କରୁଥିବା ନିୟମ ଓ ପ୍ରଥା ଆଦେଶ ଅଧୀନରେସଂସଦରେ ଅଭିବ୍ୟକ୍ତିର ସ୍ୱାଧୀନତା ସୁନିଶ୍ଚିତ କରାଯାଇଛି ବୋଲି ଲୋକସଭା ବାଚସ୍ପତି ଓମ୍ ବିରଳା ଆଜି ଜୋର୍ ଦେଇ କହିଛନ୍ତି । ସେ କହିଛନ୍ତି ଯେ ନିୟମ ଅଧୀନରେ ସଦସ୍ୟରେ ଭାଷଣ ଦେବା ସମୟରେ ସଦସ୍ୟମାନେ କିପରି ଆଚରଣ କରିବେ ସେ ବିଷୟରେ ବିସ୍ତୃତ ମାର୍ଗଦର୍ଶିକା ରହିଛି । ସଂସଦରେ ବାକ୍ ସ୍ୱାଧୀନତା ସହ ଜଡିତ ସମ୍ବିଧାନର ଧାରା ୧୦୫କୁ ଉଲ୍ଲେଖ କରି ବାଚସ୍ପତି ସ୍ପଷ୍ଟ କରିଛନ୍ତି ଯେ ସମ୍ବିଧାନ ଏହି ସ୍ୱାଧୀନତାକୁ ସଂସଦୀୟ ନିୟମର ପରିସର ମଧ୍ୟରେ ସୀମିତ କରେ । ତାଙ୍କୁ ପଦକୁ ହଟାଇବା ଭାରି ଜାତି ପ୍ରସ୍ତାବ ଉପରେ ବିତର୍କ ସମାପ୍ତ ହେବାର ଗୋଟିଏ ଦିନ ପରେ ସଂସଦକୁ ସମ୍ବୋଧିତ କରି ବାଚସ୍ପତି କହିଛନ୍ତି, ଗତ ବୁଧ ଦିନ ଧରି ଗୃହରେ ବାର ଘଂଟାରୁ ଅଧିକ ଆଲୋଚନା ହୋଇଛି, ଯେଉଁ ସମୟରେ ବିଭିନ୍ନ ଦଳର ସଦସ୍ୟମାନେ ସେମାନଙ୍କର ମତ, ଯୁକ୍ତି ଏବଂ ବିଷୟ ପ୍ରକାଶ କରିଛନ୍ତି । ସେ କହିଛନ୍ତି, ''ମୁଁ ପ୍ରତ୍ୟେକ ମାନ୍ୟବର ସଦସ୍ୟଙ୍କ କଥା ଧ୍ୟାନର ସହିତ ଶୁଣିଲି । ମୁଁ ଏହି ସଦନର ସମସ୍ତ ସଦସ୍ୟଙ୍କ ପ୍ରତି ମୋର ଗଭୀର କୃତଜ୍ଞତା ପ୍ରକାଶ କରୁଛି - ସେମାନେ ସମର୍ଥନରେ ସେମାନଙ୍କର ମତାମତ ପ୍ରକାଶ କରିଥା'ନ୍ତି କିମ୍ବା ସମାଲୋଚନା ମାଧ୍ୟମରେ ପରାମର୍ଶ ଦେଇଥା'ନ୍ତି । ଏହା ଗଣତନ୍ତ୍ରର ବିଶେଷତ୍ୱ । ଏଠି ପ୍ରତ୍ୟେକ ସ୍ୱର ଶୁଣାଯାଏ ଏବଂ ପ୍ରତ୍ୟେକ ଦୃଷ୍ଟିକୋଣ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ।" ବିତର୍କ ସମୟରେ କଳହିବାର ସୁଯୋଗକୁ ନେଇ ବ୍ୟଙ୍ଗ କରାଯାଇଥିବା ଉତ୍ତରଗୁଡ଼ିକ ଉତ୍ତରରେ ବାଚସ୍ପତି ସ୍ପଷ୍ଟ କରିଛନ୍ତି ଯେ ସମସ୍ତ ସଦସ୍ୟଙ୍କୁ ଗୃହ ନିୟମାବଳୀରେ ଉଲ୍ଲେଖ କରାଯାଇଥିବା ପ୍ରକ୍ରିୟା ଅନୁସରଣ କରିବାକୁ ପଡିବ । ସେ କହିଛନ୍ତି, 'କିଛି ସଦସ୍ୟ ବିଶ୍ୱାସ କରନ୍ତି ଯେ ବିରୋଧୀ ଦଳ ନେତାଙ୍କର ଯେକୌଣସି ସମୟରେ ତାଙ୍କ ପସନ୍ଦର ଯେକୌଣସି ବିଷୟରେ ଠିଆ ହୋଇ କହିବାର ବିଶେଷ ଅଧିକାର ଅଛି । ମୁଁ ସ୍ପଷ୍ଟ କରିବାକୁ ଚାହୁଁଛି ଯେ ଏହି ସଦନ ଦ୍ୱାରା ଗୃହୀତ ନିୟମ ଅନୁଯାୟୀ ହିଁସଦନ କାର୍ଯ୍ୟ କରିଥାଏ । ଏହି ନିୟମଗୁଡ଼ିକ ପ୍ରତ୍ୟେକ ସଦସ୍ୟଙ୍କ ପାଇଁ ସମାନ ଭାବରେ ପ୍ରଯୁଜ୍ୟ ।" ସେ ଜୋର ଦେଇ କହିଛନ୍ତି, ଏ ସଦନର କୌଣସି ମାନ୍ୟବର ସଦସ୍ୟ ଏହି ନିୟମ ପରିସର ଭାବରେ କହିବାର କୌଣସି ସୁବିଧା ପାଇନାହାନ୍ତି । ବିରୋଧୀ ଦଳ ସଦସ୍ୟଙ୍କ ମାଇକ୍ରୋଫୋନ୍ ବନ୍ଦ କରାଯାଇଥିବା ଅଭିଯୋଗର ମଧ୍ୟ ଜୋରଦାର ବାଚସ୍ପତି ଉତ୍ତର ଦେଇଛନ୍ତି ।

## ଦୁଇ ଦିନିଆ ଆନ୍ତର୍ଜାତୀୟ ସଂଗୋଷ୍ଠୀ ସଫଳତାର ସହ ଉଦ୍‌ଯାପିତ

ପୁରୀ, ୧୨/୦୩ (ଆ.ପ୍ର) : ଲେଡ୍ରାୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସରସ୍ଥ ହିନ୍ଦୁ ଅଧ୍ୟୟନ ଲେଡ୍ର ଆନୁକୂଲ୍ୟରେ ଆୟୋଜିତ ଦୁଇ ଦିନିଆ ଆନ୍ତର୍ଜାତୀୟ ସଂଗୋଷ୍ଠୀ ସଫଳତାର ସହ ଉଦଯାପିତ ହୋଇଯାଇଛି । 'ବିଶ୍ୱବନ୍ଧୁତ୍ୱ ସଂସ୍ଥାପନେ ହିନ୍ଦୁଧର୍ମର ପ୍ରାସଙ୍ଗିକତା' ଶୀର୍ଷକ ଏହି ସଂଗୋଷ୍ଠୀରେ ଦେଶ ବିଦେଶର ବିଶିଷ୍ଟ ବିଦ୍ୱାନମାନେ ଉଭୟ ଅଫ ଲାଇନ ଓ ଅନ ଲାଇନ ମାଧ୍ୟମରେ ଯୋଗଦେବ ମାନବିକତା ଓ ବିଶ୍ୱ ଶାନ୍ତି କ୍ଷେତ୍ରରେ ହିନ୍ଦୁଧର୍ମର ମୂଲ୍ୟବୋଧ ଉପରେ ଗଭୀର ଆଲୋଚନା କରିଥିଲେ । ପରିସରର ଜୟଦେବ ସଭାଗୃହରେ ଅନୁଷ୍ଠିତ ଏହି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପରମହଂସ ଶ୍ରୀମତ୍ ସ୍ୱାମୀ ଜ୍ଞାନାନନ୍ଦ ସରସ୍ୱତୀ ମହାରାଜ ଯୋଗଦେଇ କହିଥିଲେ ଯେ, 'ହିନ୍ଦୁଧର୍ମ କେବଳ ଏକ ଉପାସନା ପଦ୍ଧତି ନୁହେଁ, ବରଂ ଏହା ଏକ ପରିପୂର୍ଣ୍ଣ ଜୀବନ ଦର୍ଶନ । ଆଧ୍ୟାତ୍ମିକତା ମାଧ୍ୟମରେ ହିଁ ବିଶ୍ୱ ଶାନ୍ତି ସମ୍ଭବ ଏବଂ ଶାସ୍ତ୍ରୀୟ ମୂଲ୍ୟବୋଧକୁ ଆପଣେଇବାରେ ବିଶ୍ୱରୁ ହିଂସା ଓ ଦ୍ୱେଷ ଦୂର ହୋଇପାରିବ ।' ଏହି ଅବସରରେ ସମ୍ମାନିତ ଅତିଥି ଭାବେ ପ୍ରଫେସର ଜୟରୁଧର ପତି, ଆଲୋକ ବାବା ଏବଂ ବିଶିଷ୍ଟ ସମାଜସେବୀ ଜହ୍ନର ପ୍ରମୋଦ କୁମାର ଆର୍ଯ୍ୟ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଲେଖିପରି ସାରସ୍ୱତ ଅତିଥି ଭାବେ ପ୍ରଫେସର ଜ୍ଞାନୀନ୍ଦ୍ର ମିଶ୍ର, ଏବଂ ପ୍ରଫେସର ଖଗେଶ୍ୱର ମିଶ୍ର ଉଦବୋଧନ ଦେଇଥିଲେ । ଦୁଇ ଦିନ ଧରି ଚାଲିଥିବା ଏହି ଆନ୍ତର୍ଜାତୀୟ ସଂଗୋଷ୍ଠୀର ତିନିଦିନ ବୈଷୟିକ ଅଧିବେଶନରେ ଦେଶ ଓ ବିଦେଶରୁ ଯୋଗ ଦେଇଥିବା ପ୍ରତିନିଧିଙ୍କ ଦ୍ୱାରା ଶତାଧିକ ଗବେଷଣାତ୍ମକ ପ୍ରବନ୍ଧ ପାଠ କରାଯାଇଥିଲା, ଯାହା ଆଧୁନିକ ସମାଜରେ ହିନ୍ଦୁଧର୍ମର ଉପଯୋଗିତାକୁ ପ୍ରମାଣିତ କରିଥିଲା । ପରିସରର ନିର୍ଦ୍ଦେଶକ ତଥା ସଂଗୋଷ୍ଠୀର ଅଧ୍ୟକ୍ଷ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ନିଜ ଅଭିଭାଷଣରେ 'ବସୁଧୈବ କୁଟୁମ୍ବକମ୍'ର ବିଚାରଧାରା ଆଜିର ଯୁଗରେ ଅଧିକ ପ୍ରାସଙ୍ଗିକ ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡ. ଜିତେନ୍ଦ୍ର ରାୟଗୁରୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ଅମିତ କୁମାର ଉପାଧ୍ୟାୟ ମାନପତ୍ର ପାଠ କରିଥିଲେ । ଶିକ୍ଷାର୍ଥୀ ଶଙ୍କର ଦାଶ ସଂଗୋଷ୍ଠୀର ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ । ସମ୍ମାନ୍ତ କାର୍ଯ୍ୟକ୍ରମର ଆବାହକ ଥିଲେ ହିନ୍ଦୁ ଅଧ୍ୟୟନ କେନ୍ଦ୍ରର ଅଧ୍ୟାପକ ଡକ୍ଟର ସନ୍ଦୀପ ଚାଟର୍ଜୀ, କାର୍ଯ୍ୟକ୍ରମକୁ ଡ. ସୁଶାନ୍ତ କୁମାର ରାୟ ସଂଯୋଜନା କରିଥିବା ବେଳେ ଡ. ନନ୍ଦିଘୋଷ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ ଯେ, ଆଲାସୀ ମାଧ୍ୟମରେ ଏହି ଆଲୋଚନାଚକ୍ରରେ ଆମେରିକାର ଶିକ୍ଷାବିତ୍, ଡ. ଗ୍ୟାରୀ ଏଲ. କିଫନର, ଫିଜି ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପିକା ପାୟଲ ଶର୍ମା, ଶୋଭନା ଲକ୍ଷ୍ମୀ ଦେବୀ, ଅଟେଲିନି ଭେଣ୍ଟିକୁଲା ବାଲ ଏବଂ ପ୍ରବୀଣ ଲତା ପ୍ରମୁଖ ସେମାନଙ୍କ ଗବେଷଣାତ୍ମକ ପ୍ରବନ୍ଧ ଉପସ୍ଥାପନ କରିଥିଲେ । ଇଣ୍ଟେରନେଟିଆର ଦ୍ୱାପାନ୍ତର ସଂସ୍କୃତ ପ୍ରତିଷ୍ଠାନର ସଂଯୋଜକ ଆଲ ମାଡେ ଫୁୟାସା ଏବଂ ଆର୍ଯ୍ୟୀ ଦିଶାଳ ପ୍ରଭାତ ଭଟ୍ଟ ହିନ୍ଦୁ ସଂସ୍କୃତି କିଭଳି ଭୌଗୋଳିକ ସୀମା ଅତିକ୍ରମ କରି ବିଶ୍ୱକୁ ଏକ ପରିବାର ଭାବେ ଗଢ଼ିବାରେ ସହାୟକ ହୋଇଛି, ସେ ସମ୍ପର୍କରେ ମତ ରଖିଥିଲେ । ଶାନ୍ତି ଶୃଙ୍ଖଳା ସହ ସମାପନ ହେଲା କାଳଚପୁର ବୋଜ ମହୋତ୍ସବ । ସମାପନୀ ଅବସରରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

## ବନାଗ୍ନିକୁ ନିୟନ୍ତ୍ରଣ କଲା ଅଗ୍ନିଶମ ବାହିନୀ

ଦଶପଲ୍ଲା, ୧୨/୦୩ (ଆ.ପ୍ର) : ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ସତ୍ତ୍ୱେ ବନଗ୍ନିକୁ କାବୁକରି ସହଜସାଧ୍ୟ ମନେ ହେଉନାହିଁ । ବନ ବିଭାଗ ପକ୍ଷରୁ ପେଟ୍ରୋଲିଂ କରାଯାଉଥିଲେ ହେଁ, ନିଆଁର ନିୟନ୍ତ୍ରଣ ଜାଡିବର ପାଠ ହୋଇ ପଡୁଛି । ଆଜି ଦଶପଲ୍ଲା ଓ ନୂଆଗାଁ ଦମ୍ବଳ ବାହିନୀ ରୁମାଣ୍ଡି, ଟିଏସ୍ ଲଜେଜ ଓ ନେଳିଗୋଡା ପାଖ ଆଖ ଜଙ୍ଗଲରେ ଜଳୁଥିବା ନିଆଁକୁ ବହୁ ପ୍ରଚେଷ୍ଟା କରି ନିୟନ୍ତ୍ରଣ କରିଥିବା ଜଣାପଡିଛି । ବହୁବଳା ହେଲା ବନବିଭାଗ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହେଲେ ମଧ୍ୟ ଶୂନ । ଖାଲି ଲାଗଜ କଲମରେ ସୀମିତ ବୋଲି ଜନସାଧାରଣ ରେ ଚର୍ଚ୍ଚା ହେଉଛି ।

## ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ରକ୍ତଦାନ ଶିବିର

ଭଦ୍ରକ, ୧୨/୦୩ (ଆ.ପ୍ର) : ରାଜ୍ୟର ସର୍ବପୁରାତନ ସାମ୍ବାଦିକ ସଂଘ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଆଜି ବୁଧବାର ଭଦ୍ରକ ବ୍ଲଡ ବ୍ୟାଙ୍କ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଉଦଘାଟକ ଭାବେ ଭଦ୍ରକ ଜିଲ୍ଲା ଏସପି ମନୋଜ କୁମାର ରାଉତ, ମୁଖ୍ୟଅତିଥି ଭାବେ ରାଜ୍ୟ ସଭାପତି ଗୋ ବିଜୁଟି ଭୂଷଣ ଜଳ, ବରେଣ୍ୟ ଅତିଥି ଭାବେ ଗୌର ଜିଲ୍ଲାର ପ୍ରାକ୍ତନ ଜିଲ୍ଲାପାଳ ମୋହନ ପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଚିକିତ୍ସାଧିକାରୀ ପ୍ରମୋଦ ପ୍ରଧାନ, ସମାଜସ୍ପୋ ଅଶୋକ କୁମାର ମଉଲି, ଜିଲ୍ଲା ସଭାପତି ରବିନାରାୟଣ ଖୁଣ୍ଟାର,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅପୂର୍ବ ରଞ୍ଜନ ଦେହେରା, ଜିଲ୍ଲା ସମ୍ପାଦକ ଅଖିଳ ଅମିତାଭ ମହାପାତ୍ର ପ୍ରମୁଖ ଯୋଗଦେଇ କହିଲେ ଉତ୍କଳ ସାମ୍ବାଦିକ ସଂଘ ଜିଲ୍ଲାରେ ବହୁ ସମାଜସେବା କାର୍ଯ୍ୟ କରୁଛି କ୍ଷତିଗ୍ରସ୍ତ ରକ୍ତଦାନ ଭଳି ମହତ କାର୍ଯ୍ୟ କରିବା ସହିତ ବୃକ୍ଷ ରୋପଣ, ପବିତ୍ର ଜାଗର ଯାତ୍ରାରେ ଭକ୍ତଙ୍କୁ ଘଡି ସର୍ବତ ବଂଟନ ଭଳି ମହାନ କାର୍ଯ୍ୟ କରୁଛି ଯାହାକି ଜନସାଧାରଣଙ୍କର ପ୍ରିୟ ଭାଜନ ହୋଇପାରିଛି । ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ସଂଜୀତ ନାୟକ, ରାମଜାରାୟଣ ମହାନ୍ତି, ଅମର ନାୟକ, ସୁଭାଷ ପାଳନ, ସନ୍ତୋଷ କୁମାର ସାହୁ, ମାନସ ପଡିଚା, ରଞ୍ଜନ ମଲ୍ଲିକ, ଅଜୟ ମଲ୍ଲିକ, ରମେଶ ପାଗଳ, ପ୍ରଶାନ୍ତ ସାହୁ, ପ୍ରଦୀପ ବଳ, ଅକ୍ଷୟ ନାୟକ, ହେଲ କାଫର ଅଲ୍ଲୀ, ମାନସ ପଣ୍ଡା, ଅଖିଳ କୁମାର ମଉଲି, ପ୍ରଦୀପ ମହାପାତ୍ର,ଭୁଷଣ ରାଉତ, ଜାହ୍ନ ଜେନା, ସାତାଳାନ୍ତ ବିଶ୍ୱାଳ, ପ୍ରଭାକର ବାରିକ, ମାନସ ପଣ୍ଡା, କାଳିଚା ଦେହେରା ପ୍ରମୁଖ ସାମ୍ବାଦିକ ମାନେ ଯୋଗଦେଇଥିଲେ ।

## ଭାଲୁ ଆକ୍ରମଣର ଶିକାର ହୋଇ ଗୁରୁତର



ଭଦାକପାଟଣା, ୧୨/୦୩ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଭଦାକପାଟଣା ଫୋଟେଷ୍ଟରେଞ୍ଜ ଉଚ୍ଚୁଳା ବେଷ୍ଟରେନ ବଡ ପୁଟଗୁଡ଼ା ପଂଚାୟତ ପଳାଶ ଗ୍ରାମର ବୃଦ୍ଧ ଚିତ୍ରେନ୍ଦ୍ର ନାଏକ ବୟସ ୬୧ ଆଜି ଭାଲୁ ଆକ୍ରମଣର ଶିକାର ହୋଇ ଗୁରୁତର ହୋଇଛନ୍ତି । ସେ ଆଜି ପାହାଣ୍ଡା ରେ ଶୌଚ ପାଇଁ ଯାଇଥିଲେ । ସେହି ସମୟରେ ଏକ ଭାଲୁ ତାଙ୍କୁ ଆକ୍ରମଣ କରି ଜହ୍ନୁଜଖମ କରି ପକାଇ ଥିଲା । ବୃଦ୍ଧଙ୍କ ଚିତ୍କାର ଶୁଣି ଗ୍ରାମର ଲୋକେ ଘଟଣା ସ୍ଥଳରେ ପହଂଚି ଭାଲୁକୁ ପଥରାଇ ଥିଲେ । ଭାଲୁ ଆକ୍ରମଣରେ ବୈଚେନ୍ୟଙ୍କ ଜଂଘରେ ଗଭୀର କ୍ଷତ ହୋଇଛି । ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଲୋକସାରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ବୃଦ୍ଧ ଜଣକ ସାମାନ୍ୟ ସୁସ୍ଥ ଥିବା ଜଣାଯାଇଛି । ଖବର ପାଇ ଜୟପାଟଣା ଉଚ୍ଚଳା ବେଷ୍ଟନ ଫୋଟେଷ୍ଟ କର୍ମଚାରୀ ଦମ୍ବରଣ୍ଡା ମୋଟେର ତାଲୁକ ଖାନାରେ ପହଂଚି ବୃଦ୍ଧଙ୍କ ବୟାନ ନେବା ସହ ଚିକିତ୍ସା ସୁବିଧା ଯୋଗାଇ ଦେବା ସହ ସରକାରୀ ନିୟମ ଅନୁସାରେ କ୍ଷତି ପୂରଣ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ପରେ ଗାଁ ଜଙ୍ଗଲର ପାଦଦେଶରେ ଥିବାବେଳେ ଅନେକ ସମୟରେ ଲୋକେ ଭାଲୁ ବଧ ଅନ୍ୟ ବନ୍ୟଜନ୍ତୁଙ୍କ ଦ୍ୱାରା ହେଉଛି ପରି ଲହୁଲୁଣ ହେଉଛନ୍ତି । ବନବିଭାଗ ଏଠାରେ ପେଟ୍ରୋଲିଙ୍ଗ ବ୍ୟବସ୍ଥାକୁ ଜରାଜରି କରିବାକୁ ଦାବି ହେଉଛି ।

## ଉତ୍କଳ ସମ୍ମିଳନୀ ଦ୍ୱାରା ଓଡ଼ିଆ ଭାଷା ଶାସ୍ତ୍ରୀୟ ଦିବସ ପାଳନ

ଜଗତସିଂହପୁର, ୧୨/୦୩ (ଆ.ପ୍ର) : ଓଡ଼ିଆ ଭାଷା ଶାସ୍ତ୍ରୀୟ ଦିବସ ଉପଲକ୍ଷେ ଉତ୍କଳ ସମ୍ମିଳନୀ ଜଗତସିଂହପୁର ଜିଲ୍ଲା ଶାଖା ତରଫରୁ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓ ବାଚା ଆସ୍ପେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଜିଲ୍ଲା ସଭାପତି ଆଜାନୀଜୀ ଶିବ ପ୍ରସାଦ ମାଝୀ ।ଅତିଥି ଭାବେ ଯୋଗଦେବାଥିଲେ ଜିଲ୍ଲା ଉତ୍କଳ ସମ୍ମିଳନୀର ଉପ ସଭାପତି ଗୋବିନ୍ଦ ଓଝା, କୋଷାଧକ୍ଷ ରବି ମାଝି,ବରିଷ୍ଠ ଆଇନୀଜୀବୀ ସୁରେନ୍ଦ୍ରନାଥ ମିଶ୍ର, ବିଶ୍ୱଜିତ ମହାନ୍ତି,ଅନିରୁଦ୍ଧ ସାହତ ଭାରିଥିବା ଦଳେଇ, ବିଜୟିନୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ, ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ସରକାରୀ ସ୍ତରରେ ମଧ୍ୟ ଓଡ଼ିଆ ଭାଷାର ପ୍ରଚଳନ କରିବା ଏବଂ ବ୍ୟବସାୟ ଜଣିକ ଅନୁଷ୍ଠାନମାନଙ୍କରେ ଓଡ଼ିଆ ବିଜ୍ଞାପନ ପଟା ପ୍ରଚଳନ କରିବା ଉଚିତ୍ ବୋଲି ସଭାପତି ଶିବ ପ୍ରସାଦ ମାଝୀ କହିଛନ୍ତି, କୋର୍ଟ କଚେରୀରେ ମଧ୍ୟ ଓଡ଼ିଆ ଭାଷାରେ ଜଜମେଂଟ କରିବାପାଇଁ ମତ ପ୍ରକାଶ ପାଇଥିଲା । ଶେଷରେ ଆଜାନୀଜୀ ନବୀନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲା ମହୋତ୍ସବ କଲ୍ଲୋଳ -୨୦୨୬ ନିମନ୍ତେ ସାଂସ୍କୃତିକ ସବ୍-କମିଟିର ପ୍ରସ୍ତୁତି ବୈଠକ

ଜଗତସିଂହପୁର, ୧୨/୦୩ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ମହୋତ୍ସବ କଲ୍ଲୋଳ -୨୦୨୬ ନିମନ୍ତେ ସାଂସ୍କୃତିକ ସବ୍-କମିଟିର ପ୍ରସ୍ତୁତି ବୈଠକ ବୁଧବାର ଅପରାହ୍ନ ୪.୦୦ ଘଟିକା ସମୟରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ)ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସମିତ କୁମାର ରାଉତ ଅଧ୍ୟକ୍ଷତା କରି ଜିଲ୍ଲା ମହୋତ୍ସବ ଦେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ସଂସ୍କୃତି ଅଧିକାରୀ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ଜଗତସିଂହପୁର ଜିଲ୍ଲା ମହୋତ୍ସବ 'କଲ୍ଲୋଳ-୨୦୨୬' ଆସନ୍ତା ତା.୦୧.୦୪.୨୦୨୬ ରିଖ ଠାରୁ ତା.୦୫.୦୪.୨୦୨୬ରିଖ ପର୍ଯ୍ୟନ୍ତ ୫ ଦିନ ଦ୍ୱୀପୀ ନବକୃଷ୍ଣ ଚୌଧରୀ ଷ୍ଟାଡିୟମ ପରିସରରେ ମହା ସମାରୋହରେ ପାଳନ କରାଯିବ । ବୈଠକରେ ସ୍ଥାନୀୟ ସାଂସ୍କୃତିକ ଦଳ ମାନଙ୍କୁ କାର୍ଯ୍ୟକ୍ରମ ପରିବେଷଣ କରିବା ଉପରେ ପ୍ରାଧାନ୍ୟ ଦିଆଯିବାକୁ ନେଇ ଆଲୋଚନା ହୋଇଛି ।ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା କୋକୁଟ୍ୟ, ଶାସ୍ତ୍ରୀୟନୃତ୍ୟ,ସଙ୍ଗୀତ ଓ ଅନ୍ୟାନ୍ୟ ଗଙ୍ଗାଜଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଇଚ୍ଛୁକ ଅନୁଷ୍ଠାନ ମାନେ ତା.୨୦.୦୩.୨୦୨୬ରିଖ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟରେ କିମ୍ବା ଇ-ମେଲ ମାଧ୍ୟମରେ (cultureofficejspur@gmail.com)ରେ ଆବେଦନ କରିପାରିବେ । ଉକ୍ত ବୈଠକରେ ସାଂସ୍କୃତିକ ସବ୍ କମିଟିର ସମସ୍ତ ସଭ୍ୟ ବୃନ୍ଦ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟରେ ସାଇବର ଠକେଇ ସଚେତନତା କର୍ମଶାଳା ଅନୁଷ୍ଠିତ

ନିଶିନ୍ତକୋଇଲି, ନିଶିନ୍ତକୋଇଲି ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପରିସରରେ ଶିଶୁ ବିକାଶ ପ୍ରକଳ୍ପ, ନିଶିନ୍ତକୋଇଲି ପକ୍ଷରୁ ବେଟି ବ ଆଉ, ବେଟି ପଢାଅ ଯୋଜନାରେ ଅନ୍‌ଲାଇନ୍ ସେଫଟି ଓ ସାଇବର କ୍ରାଇମ ସମ୍ବନ୍ଧୀୟ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସିଡିପିଓ ସତ୍ୟଭାମା ବିଶୋଇଙ୍କ ସଭାପତିତ୍ୱରେ ଉକ୍ତ କର୍ମଶାଳାରେ ଅତିଥି ଭାବେ ନିଶିନ୍ତକୋଇଲି ଥାନା ଅଧିକାରୀଙ୍କୁ ଅଜିତା ସାହୁ ଓ ଆଇନଜୀବୀ ମାନସ କୁମାର ଦାସ ଯୋଗଦେଇ ଆମମାନଙ୍କ ସଚେତନ ଅଭାବ ହେତୁ ଦୈନନ୍ଦିନ ବହୁ ଅନ୍‌ଲାଇନ୍ ସାଇବର ଠକେଇ ଘଟଣା ଘଟୁଅଛି ଏବଂ ଏହାର ସମାଧାନ ପାଇଁ ଆମମାନଙ୍କୁ ସତର୍କ ରହିବାକୁ ପଢ଼ିବ ବୋଲି ମତବ୍ୟକ୍ତ କରିବା ସହିତ ସଚେତନ ରହିବା ପାଇଁ ବିଭିନ୍ନ ପ୍ରଣାଳୀଗୁଡ଼ିକୁ ବିଶେଷ ଭାବେ ଆଲୋଚନାପାତ କରିଥିଲେ । ଉକ୍ତ କର୍ମଶାଳାରେ ଶତାଧିକ ଅଙ୍ଗନୱାଡ଼ି କର୍ମୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା, ଆଶା କର୍ମୀ ଓ କିଶୋରୀ ବାଳିକାମାନେ ଯୋଗଦେଇଥିଲେ । ଏହି କର୍ମଶାଳାକୁ ପରିଚାଳନାରେ ରଶ୍ମିତା ସାହୁ, କାଦମ୍ବିନୀ ପତି, ଗୀତାରାଣୀ ମହାନ୍ତି, ତ୍ରିନାଥ ସ୍ୱାଇଁ, ଅମିତ୍ ସିଂ ପ୍ରମୁଖ ସହଯୋଗ କରିଥିଲେ । ପରେ ତିନି ଜଣ କିଶୋରୀ ବାଳିକାଙ୍କୁ ବଳିୟନ ଭାବେ ସର୍ବଶ୍ରୀ ସୁରଶ୍ରୀ ରାଣ୍ଡି, ମନୀଷା ମନସ୍ୱିନୀ ବାରିକ ଓ ଶୁଭଜ୍ୟୋତି ନନ

ଆରମ୍ଭ
SEITHO ARAMBHA
ଶୁକ୍ରବାର, ୧୩ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

# ପ୍ରଗତି ମହିଳା ସଂଗଠନ ତରଫରୁ ଓଡ଼ିଆ ଶାସ୍ତ୍ରୀୟ ଭାଷା ମାନ୍ୟତା ଦିବସ ପାଳନ

ପାରଳାଖେମୁଣ୍ଡି, ୧୨/୦୩ (ଆ.ପ୍ର) : ଅଗ୍ରଣୀ ପ୍ରଗତି ମହିଳା ସଂଗଠନ ତରଫରୁ ସ୍ଥାନୀୟ ସୁ-ଟେକ୍ ଜଂଫୁଟର ଅଡୁଆଠାରେ ଓଡିଆ ଶାସ୍ତ୍ରୀୟ ଭାଷା ମାନ୍ୟତା ଦିବସ ପାଳିତ ହୋଇଯାଇଛି । ଆୟୋଜିତ ସଂଗଠନର ସଂପାଦିକା ତନୁଜା ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ବିନୋଦିନୀ ଭଳି ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି, ମାନେ ନିଜ ମନ୍ତବ୍ୟରେ ଗୁଣ୍ଡୁପୁର ଗାୟତ୍ରୀ ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ଆର୍ତ୍ତତ୍ରାଣ ଚଳନି ମୁଖ୍ୟବକ୍ତା ଏବଂ ସଂଗଠନର ସଭାପତି ଲୋକନାଥ ମିଶ୍ର ସମ୍ମାନିତ ଅତିଥି ରୂପେ ମଂଚାସୀନ ଥିଲେ । ବହୁ ବିଳମ୍ବରେ ହେଲେ ମଧ୍ୟ ଗତ ୨୦୦୦ ମସିହାରେ ଓଡିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଦେବା ଏକ ବିରାଟ ଉପହାର ତଥା ଓଡିଆ ଭାଷା ତଥାପି ସଂଜୁତିର ଅବସ୍ଥାରେ ରହିଛି ନିଜ ବକ୍ତବ୍ୟରେ ଅତିଥି ମାନେ ନିଜ ମନ୍ତବ୍ୟରେ କହିଥିଲେ । ତେଣୁ ଆଗାମୀ ସୁବହିତି ଓଡିଆ ଭାଷାର ଅଧିକ ପ୍ରଚାର ଓ ପ୍ରସାର କରିବାକୁ ପ୍ରାର୍ଥନା ଦେଇଥିଲେ । ଏଥିରେ ସ୍ନେହା ଦେବେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରାଜେଶ୍ୱରୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଏହାକୁ ଡ. ଗ୍ୟେନାନନ୍ଦ ପଟ୍ଟନାୟକ, ବିଶ୍ବୁ ପଣ୍ଡା, ତ୍ରିପତି ପ୍ରସାଦ ପଣ୍ଡା, ଗାୟତ୍ରୀ ପଟ୍ଟନାୟକ ଓ ପାୟଲ ପାଢ଼ୁ ପରିଚାଳନା କରିଥିଲେ ।

# ଶ୍ରୀରାମ ନବମୀ ଉତ୍ସବ ପାଇଁ ଶ୍ରୀରାମ ସେନା ପକ୍ଷରୁ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୧୨/୦୩ (ଆ.ପ୍ର) : ଚଳିତବର୍ଷ ଚନ୍ଦ୍ରଶେଖରପୁରରେ ମହାଆତସ୍ତରରେ ପାଳନ ହେବାକୁ ଯାଉଛି ଶ୍ରୀରାମ ନବମୀ ଉତ୍ସବ । ଏଥିପାଇଁ ଶ୍ରୀରାମ ସେନା ପକ୍ଷରୁ ଚନ୍ଦ୍ରଶେଖରପୁର ବିଜ୍ଞିରୁ ସେ ଉପ୍ତି ଏକ ମଣ୍ଡପ ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆବସ୍ତା ୨୫ ଓ ୨୬ ତାରିଖ ଭୁବନେଶ୍ୱର ଜିଲ୍ଲା ସେ ଉପ୍ତି ଫେଜ୍ ୨ ତନପତିଆ ଠାରେ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ନିର୍ଦ୍ଧାରିତ ନିଆ ଯାଇଛି । ୨୫ ତାରିଖ ବୁଧବାର ଦିନ କଳସ ଯାତ୍ରା ଅନୁଷ୍ଠିତ ହେବ । ଏଥିରେ ସ୍ଥାନୀୟ ଅଂଚଳର ୨୦୦ ମହିଳା ପଟିଆ ନୀଳକଣ୍ଠେଶ୍ୱର ମନ୍ଦିର ପୁଷ୍କରିଣୀରୁ ପାଣି ଗ୍ରହଣ କରି ଶୋଭାଯାତ୍ରାରେ ତନପତିଆ ପୂଜା ମଣ୍ଡପ ନିକଟକୁ ଆସିବେ । ସେଠାରେ କଳସ ସ୍ଥାପନା କରାଯାଇ ଯଥାବିଧି ଅନୁସାରେ ପୂଜା ଆରମ୍ଭ କରାଯିବ । ସନ୍ଧ୍ୟାରେ ଚନ୍ଦ୍ରଶେଖରପୁର ବିଷ୍ଣୁପୁର ସେନା ଉପ୍ତି ଏକ ମଣ୍ଡପ ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆବସ୍ତା ୨୫ ଓ ୨୬ ତାରିଖ ଦିନ ଶ୍ରୀରାମଙ୍କ ପୂଜା, ଯଜ୍ଞ ପୂର୍ଣ୍ଣାହୁତି, ପୁଷ୍ପାଞ୍ଜଳି ଅନୁଷ୍ଠିତ ହେବ । ଶ୍ରୀରାମ ସେନା ପକ୍ଷରୁ ଲୁମ୍ବିନୀ ବିହାର ଠାରୁ ବିରାଟ ବାଇକ୍ ରାଲି ଓ ପଦଯାତ୍ରା ଆରମ୍ଭ ହୋଇ ନୀଳାଦ୍ରିବିହାର, ଶୈଳଶ୍ରୀବିହାର ହୋଇ ତନପତିଆରେ ପହଁଚି । ଏଥିରେ ହଜାର ହଜାର ସଂଖ୍ୟାରେ ଯୁବକ ସାମିଲ ହେବେ । ବିଶେଷ ଆକର୍ଷଣ ସାଜିବ ଆତସବାଜି । ସନ୍ଧ୍ୟାରେ ଭଜନ ସମାରୋହ, ପ୍ରସାଦ ସେବନ ଓ ଗାମଲାଳା କରାଯିବାର ଯୋଜନା ରହିଛି । ଭକ୍ତାଳ ହଜାର ଙ୍କଖାରେ ଜନସମାଗମକୁ ବୃଦ୍ଧିରେ ଉଷ୍ଣ ସେନା ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯିବ । ୨୦୦ ସ୍ୱଚ୍ଛସେବୀ ନିୟୋଜିତ କରାଯିବା ସହିତ ସିସିଟିଭି ଲଗାଯିବ । ଏବଂ ସ୍ଥାନୀୟ ପୁଲିସର ସହାୟତା ନିଆଯିବ ବୋଲି କମିଟି ପକ୍ଷରୁ କୁହା ଯାଇଛି । ଏହି ବୈଠକରେ ଶ୍ରୀରାମ ସେନାର କର୍ମକର୍ତ୍ତା ସୌମ୍ୟ ରଞ୍ଜନ ଜେନା, ତପନ କୁମାର ନାୟକ, ଉତ୍କଳ କେଶରୀ ସାହୁ, ସୂର୍ଯ୍ୟପ୍ରକାଶ ମହାନ୍ତି, ନିର୍ମଳ ପଣ୍ଡା, ରଞ୍ଜନ ରାଉତ, ପ୍ରିୟବ୍ରତ ମହାପାତ୍ର, ଅରୁପ ଜେନା, ପ୍ରଭୁ ପ୍ରସାଦ ପାଲକରାୟ, ରଜତ ମହାନ୍ତିଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

# ଆନ୍ତର୍ଜାତିକ ମହିଳା ଦିବସରେ ପୁରସ୍କୃତ ହେଲେ ବେଷ୍ଟ ସିଡିପିଓ, ଅଙ୍ଗନବାଡି କର୍ମୀ, ଛାତ୍ରଛାତ୍ରୀ ଓ ସମାଜସେବୀ

ଜଗତସିଂହପୁର, ୧୨/୦୩ (ଆ.ପ୍ର) : ଆନ୍ତର୍ଜାତୀୟ ମହିଳା ଦିବସ ରେ ପୁରୀ ଚାଲକଣ୍ଡିଆ ଠାରେ ଗୁରୁତ୍ୱ ଯୋଜନାର ବହୁଟି କିସ୍ତି ପ୍ରଦାନ ର ରାଜ୍ୟ ସ୍ତରୀୟ ଉତ୍ସବ ରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧ କୋଟି ରୁ ଊର୍ଦ୍ଧ୍ୱ ଗୁରୁତ୍ୱ ମାଆଙ୍କ ଆକାଉଂଟ ରୁ ୫ ହଜାର ଟଙ୍କା ଦେଖାଏଁ ୫ ହଜାର କୋଟି ରୁ ଊର୍ଦ୍ଧ୍ୱ ଅର୍ଥ ପ୍ରଦାନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ସମିତ କୁମାର ରାଉତଙ୍କ ସଭାପତିତ୍ୱରେ ଜିଲ୍ଲା ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଆଜି କରି ସାଜନା ଦାସ ସଂସ୍କୃତି ଭବନ ଠାରେ ଏକ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ମହିଳା ଶିଶୁ ,ବୟସ୍କ ବିକାଶ, ବୈଷୟିକ ଶିକ୍ଷା , ଶ୍ରମ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଥିଲେ, ସୁଭଦ୍ରା ଯୋଜନାକୁ ମହିଳା ସଶକ୍ତିକରଣର ଏକ ଇଞ୍ଜିନ ଭାବେ ପରିଗଣିତ କରାଯାଇଛି । ଏହା ରାଜ୍ୟର ପ୍ରତ୍ୟେକ ସୁଭଦ୍ରା ଙ୍କୁ ଆତ୍ମ ନିର୍ଭର କରିବାର ଏକ ଅଭିନବ ପଦକ୍ଷେପ ଯାହା ଆଜି ଅନେକ ମହିଳାଙ୍କ ପାଖରେ ପହଁଚିଛି । ସରକାର ମହିଳା ମାନଙ୍କ ବିକାଶ ପାଇଁ ସର୍ବଦା ଚେଷ୍ଟିତ । ନାରୀ ହେଉଛନ୍ତି ସୁଷ୍ଟିର ଆଧାର ଏବଂ ଜଗତସିଂହପୁର ଜିଲ୍ଲାର ମା ମାନେ ସାହାସୀ ଓ କର୍ମଠ । ନାରୀ ଶକ୍ତି ବିନା ପ୍ରଗତି ଅସମ୍ଭବ । ତେଣୁ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଢ଼ିବାକୁ ହେଲେ ମହିଳା ମାନଙ୍କ ସଶକ୍ତ ଓ ଆତ୍ମ ନିର୍ଭରଶୀଳ କରିବାକୁ ପଡ଼ିବ । ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମହୋଦୟ ସଦା ସର୍ବଦା ଚେଷ୍ଟିତ । ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ ସଭାରେ ଉପସ୍ଥିତ ରହି କହିଥିଲେ ଯେ ମହିଳା ମାନେ ଆଜି ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଚାକରିରେ କ୍ଷେତ୍ରରେ ମଧ୍ୟ ସମାଜ ର ଶୀର୍ଷ ସ୍ଥାନରେ ପହଁଚିଛନ୍ତି ଓ ଏହି ସୁଭଦ୍ରା ଯୋଜନା ନିଶ୍ଚିତ ଭାବରେ ପ୍ରତ୍ୟେକ ମହିଳାଙ୍କୁ ଆର୍ଥିକ ଭାବେ ସ୍ୱଚ୍ଛଳ ଓ ସ୍ୱାବଲମ୍ବୀ କରିଛି । ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ସଭାରେ ଉପସ୍ଥିତ ରହି କହିଥିଲେ ଯେ ମହିଳା ସଶକ୍ତିକରଣ ପାଇଁ ଆମର ବିଭାଧାରାକୁ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି । ସେ ନାରୀ ସମ୍ମାନଟା କୁ ଗୁରୁତ୍ୱ ଦେଇ କହିଥିଲେ ଯେ ସମାଜରେ ନାରୀ ଓ ପୁରୁଷ ମଧ୍ୟରେ ଅସମାନତା ରହିବା ଉଚିତ ନୁହେଁ । ପ୍ରଧାନମନ୍ତ୍ରୀ ଗ୍ରାମୀଣ ମହିଳା ମାନଙ୍କୁ ସଶକ୍ତ କରିବା ପାଇଁ ଦୃଢବଦ୍ଧ ଓ ବିକଶିତ ରାଷ୍ଟ୍ର ପାଇଁ ସର୍ବଦା ଚେଷ୍ଟିତ ଏବଂ ରାଜ୍ୟ ସରକାର ନାରୀ ସଶକ୍ତିକରଣ ଉପରେ ସର୍ବଦା ଗୁରୁତ୍ୱ ଦେଇଆସୁଛନ୍ତି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହୋଦୟ ଏହି ଦିଗରେ ତାଙ୍କ ପ୍ରତିଶ୍ରୁତି ରକ୍ଷା କରିଛନ୍ତି । ଓଡିଶା ସରକାର ତଥା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜିଲ୍ଲାରେ ହୋଇଥିବା ବିଭିନ୍ନ ଜନୁନ୍ନୟନ ମୂଳକ କାର୍ଯ୍ୟ ବିଷୟରେ କହିବା ସହ ସମସ୍ତଙ୍କୁ ସୁଭଦ୍ରା ଯୋଜନାରେ ପାଇଥିବା ଟଙ୍କାକୁ ସଦୁପଯୋଗ କରି ବିକଶିତ ଓଡିଶା ଓ ବିକଶିତ ଭାରତ ଗଠନରେ ଭାଗୀଦାରୀ ହେବା ପାଇଁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ ସଭାରେ ଉପସ୍ଥିତ ରହି କହିଥିଲେ ଯେ ସୁଭଦ୍ରା ଯୋଜନା ପାଇଁ ଆଜି ମହିଳା ମାନଙ୍କ ଅର୍ଥନୈତିକ ମାନଦଣ୍ଡ ସୁଦୃଢ ହୋଇପାରିଛି । ସେ ମହିଳାଙ୍କ ଶିକ୍ଷିତ ହେବା ନେଇ ଗୁରୁତ୍ୱାରୋପ କରିଥିବେ ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚନା ସିଂହ ଉପସ୍ଥିତ ରହି କହିଥିଲେ ଯେ ସମାଜ ବିକାଶ କ୍ଷେତ୍ରରେ ମା ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଓ ମା ସବୁଦେବେ ସମ୍ମାନନୀୟ । ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ କହିଥିଲେ ଯେ ମା ମାନେ ଶିକ୍ଷିତ ହୁଅନ୍ତୁ ଓ ଆର୍ଥିକ ଭାବେ ସ୍ୱଚ୍ଛଳ ହେଉ ରାଷ୍ଟ୍ରର ଓ ସମାଜର ବିକାଶ ଦିଗରେ ଭାଗୀଦାର ହୁଅନ୍ତୁ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଶ୍ବପ୍ରିୟା ସେଠୀ, ନିର୍ବାହୀ ଅଧିକାରୀ, ପୌର ପରିଷଦ, ସାମା ଜେନା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରତୀତି ତନୟା ମହାନ୍ତି ପ୍ରମୁଖ ମଂଚାସୀନ ଥିଲେ । ସୂଚନାଯୋଗ୍ୟ କି, ଆଜି ଜଗତସିଂହପୁର ଜିଲ୍ଲାରୁ ସର୍ବମୋଟ ୨୮୧୦୫୫ ଜଣ ହିତାଧିକାରୀ ଚତୁର୍ଥ କିସ୍ତିର ଟଙ୍କା ନିଜ ବ୍ୟାଙ୍କ ଖାତାରେ ପାଇଛନ୍ତି । ସମସ୍ତେ ରାଜ୍ୟ ସରକାର କାର୍ଯ୍ୟକ୍ରମର ସିଧାପ୍ରସାରଣ କାର୍ଯ୍ୟକ୍ରମ ଦେଖିବା ସହ ଜିଲ୍ଲା ମହିଳା ଏବଂ ଶିଶୁବିକାଶ ବିଭାଗରେ କାର୍ଯ୍ୟରତ ନିଷ୍ଠାପର କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା । ୫୨ ତମ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜିଲ୍ଲାର ଛାତ୍ରଛାତ୍ରୀ ଏବଂ ଅଙ୍ଗନବାଡି କର୍ମୀ ଓ ହେଲପର ମାନଙ୍କ ମଧ୍ୟରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ଓ କର୍ମୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ସୁଭଦ୍ରା ଯୋଜନାର ସମସ୍ତ helpdesk personnel ଓ ଜିଲ୍ଲା ଚାଇଲ୍ଡ କମିଟି ର ମହିଳା ସମାଜ ସେବା ସହାୟ ସୁଶ୍ରୀ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଶ୍ବପ୍ରିୟା ସେଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ତପସ୍ୱିନୀ ସନ୍ଧୁ,ଜିଲ୍ଲା ପ୍ରକଳ୍ପ ସଂଯୋଜିକା, ମମତା ଯୋଜନା ସମ୍ପନ୍ନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାରତୀୟ ରେଳ ସୁରକ୍ଷା ଓ ଚାଳନା ଦକ୍ଷତା ବୃଦ୍ଧି ପାଇଁ ରେଳବାଇରେ ଏଆଇ ଓ ମେସିନ୍ ଲର୍ଣ୍ଣିଂର ବ୍ୟବହାର

# କୁହୁଡ଼ିରେ ଦୃଶ୍ୟମାନତା ବଢ଼ାଇବାକୁ ଆରଡିଏସଓର 'ଟିଆରଆଇ-ନେତ୍ର' ସିଷ୍ଟମ୍

ନୂଆଦିଲ୍ଲୀ, ୧୨/୦୩ (ପି.ଆଇ.ବି) : ଭାରତୀୟ ରେଳବାଇରେ ନିରନ୍ତରଭାବେ ପ୍ରଯୁକ୍ତିବିଦ୍ୟାରେ ଉନ୍ନତି ଆସିଚାଲିଛି । ରେଳବାଇରେ ଅଥବା ପାଇଲଟ୍ ଭାବେ ଲାଗୁ ହୋଇଥିବା କିଛି ପ୍ରମୁଖ ପ୍ରଯୁକ୍ତିବିଦ୍ୟା ସଂପର୍କରେ ନିମ୍ନରେ ଦିଆଗଲା । ମେସିନ୍ ଲିଜନ୍ ସ୍ୱାଂଚ ପ୍ରଣାଳୀ (ଏମଏଲଏସ): ଏମଏଲଏସ ହେଉଛି ଏକ କୃତ୍ରିମ ବୁଦ୍ଧିମତା (ଏଆଇ)/ ମେସିନ୍ ଲର୍ଣ୍ଣିଂ (ଏମଏଲ) ଆଧାରିତ ପ୍ରଣାଳୀ ଯାହା ଟ୍ରେନ ଚଳାଚଳରେ ଯେକୌଣସି ତ୍ରୁଟି ରହିଥିବା, ତିଳା ଜିନା ନିର୍ଦ୍ଦୋଷ ଉପାଦାନ ଚିହ୍ନଟ କରିବା ସମୟରେ ସତର୍କତା ସୃଷ୍ଟି କରେ । ମାଲ ପରିବହନ ପାଇଁ ପାଇଲଟ୍ ଭିତିରେ ଉତର ପୂର୍ବ ସୀମାନ୍ତ ରେଳବାଇରେ ତିନୋଟି, ଡେଡିକେଟେଡ୍ ଫ୍ରେଟ୍ କରିଡୋର କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ (ଡିଏଫସିସିଆଇଏଲ) ରେ ଦୁଇଟି ଏବଂ ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳବାଇରେ ଗୋଟିଏ ଏମଏଲଏସ ପ୍ରାପ୍ତି ହୋଇଛି । ଏହା ବ୍ୟତୀତ, ମାଲ ପରିବହନ ପାଇଁ ଆଇଆର୍ ଟେଟ୍ରାଙ୍କରେ ଚାରିଟି ଏମଏଲଏସ ପ୍ରଚଳନ ପାଇଁ ଭାରତୀୟ ରେଳବାଇ ଏବଂ ଡିଏଫସିସିଆଇଏଲ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହା ସହିତ, ଗବେଷଣା ବିଭାଗର୍ ଏବଂ ମାନକ ସଂଗଠନ (ଆରଡିଏସଓ) ଆଗ୍ରହ ପ୍ରକାଶ (ଇଓଆଇ) ମାଧ୍ୟମରେ ଶିଳ୍ପ ସହିତ ସହଯୋଗରେ ରୋଲିଂ ଷ୍ଟକ୍ ପାଇଁ ଏମଏଲଏସ ବିକାଶ ହାତକୁ ନେଇଛି । ହ୍ୱିଲ ଇମ୍ପାକ୍ଟ ଲୋଡ୍ ଡିଟେକ୍ଟର (ଡବ୍ଲୁଆଇଏଲଡି): ଡବ୍ଲୁଆଇଏଲଡି ହେଉଛି ଏକ ପଥ-ପାର୍ଶ୍ୱ ଯାଂଚ ପ୍ରଣାଳୀ ଯାହା ରୋଲିଂ ଷ୍ଟକ୍ରେ ତ୍ରୁଟିପୂର୍ଣ୍ଣ ଚକଗୁଡ଼ିକୁ ଚିହ୍ନଟ କରିବା ପାଇଁ ଟ୍ରାକ୍ ଉପରେ ଚଳେ ପ୍ରଭାବ ମାପ କରେ । ଭାରତୀୟ ରେଳବାଇରେ ଏହିପରି ୨୪ଟି ସିଷ୍ଟମ ସ୍ଥାପିତ ହୋଇଛି । ରୋଲିଂ ଷ୍ଟକର ଅନଲାଇନ୍ ତଦାରକ (ଓଏମଆରଏସ): ଓଏମଆରଏସ ହେଉଛି ଏକ ଟ୍ରେ-ସାଇଡ୍ ନିରୀକ୍ଷଣ ସିଷ୍ଟମ ଯାହା ରୋଲିଂ ଷ୍ଟକର ବେଗିଂ ଏବଂ ଚକ ସ୍ୱାସ୍ଥ୍ୟ ଉପରେ ନଜର ରଖେ । ରେଳବାଇରେ ଏହିପରି ୨୫ଟି ସିଷ୍ଟମ ସ୍ଥାପିତ ହୋଇଛି ଯାହା ମଧ୍ୟରୁ ଦକ୍ଷିଣ କେନ୍ଦ୍ରୀୟ ରେଳବାଇର ସିଉପୁର କାଜର ନଗର/ ସିକନ୍ଦରାବାଦ ଡିଭିଜନରେ ଗୋଟିଏ ଓଏମଆରଏସ ସ୍ଥାପିତ ହୋଇଛି । ସମଗ୍ର ଟ୍ରାକ୍ ମନିଟରିଂ ସିଷ୍ଟମ (ଆଇଟିଏମଏସ): ଆଇଟିଏମଏସ ରେଳ ଟ୍ରାକର ବ୍ୟବସ୍ଥାପକ ଯାଂଚ ଏବଂ ମନିଟରିଂ ପାଇଁ ନିୟୋଜିତ ହୋଇଛି । ଆଇଟିଏମଏସ ରେଳ ଧାରଣାର ବିଭିନ୍ନ ଉପାଦାନ ଯେପରିକି ରେଳ, ସ୍ଲିପର ଏବଂ ଫାଷ୍ଟନିଂରେ ତ୍ରୁଟି ନିରୀକ୍ଷଣ ଏବଂ ବିଦ୍ୟୁତ କରିବା ପାଇଁ ମେସିନ୍ ଲର୍ଣ୍ଣିଂ ଏବଂ ଇମେଜ୍ ପ୍ରକ୍ରିୟାକରଣ ବ୍ୟବହାର କରେ । ଆଇଟିଏମଏସରୁ ତଥ୍ୟକୁ ଟ୍ରାକର ରକ୍ଷଣ ଏବଂ ଯୋଜନାବଦ୍ଧ ରକ୍ଷଣାବେକ୍ଷଣ ପାଇଁ ବିଶ୍ଳେଷଣ କରାଯାଏ । ବର୍ତ୍ତମାନ ଟ୍ରାକର କେଳେଂଗି ଏବଂ ମନିଟରିଂ ପାଇଁ ତିନୋଟି ଆଇଟିଏମଏସ ନିୟୋଜିତ କରାଯାଇଛି । ଏହା ଉତମ ଟ୍ରାକ ରକ୍ଷଣାବେକ୍ଷଣ ଯୋଜନା, ବର୍ଦ୍ଧିତ ସୁରକ୍ଷା, ଟ୍ରାକ ସମ୍ପତ୍ତିର ଉନ୍ନତ ବିଶ୍ୱସନୀୟତା ଏବଂ କାର୍ଯ୍ୟକ୍ଷମ ଦକ୍ଷତାରେ ସାହାଯ୍ୟ କରେ । ଓଭରହେଡ୍ ଉପକରଣର ଡ୍ରୋନ୍ ଆଧାରିତ ମନିଟରିଂ: ରାୟପୁର ଡିଭିଜନରେ ପାଇଲଟ୍ ଭିତିରେ ଓଭରହେଡ୍ ଉପକରଣ (ଓଏଚଇ)ର ଅର୍ମାଲ୍ ଲାମେଜ୍ ସହିତ ଡ୍ରୋନ୍ ଆଧାରିତ ମନିଟରିଂ କରାଯାଇଛି । ଏହା ବ୍ୟତୀତ, ଭାରତୀୟ ରେଳବାଇ ଆଇଆଇଟି ମାଡ୍ରାସ ସହିତ ମିଳିତ ଭାବରେ ଓଭରହେଡ୍ ଉପକରଣର ଡ୍ରୋନ୍ ଆଧାରିତ ଆକାଶ ନିରୀକ୍ଷଣ ବିକାଶ କରିଛି ଯାହା ଏଆଇ/ଏମଏଲ ବ୍ୟବହାର କରି କ୍ୟାପଚର୍ କରାଯାଇଥିବା ତଥ୍ୟ ବିଶ୍ଳେଷଣ ମଧ୍ୟ କରିବ । ଟିଆରଆର-ନେତ୍ର: ଆରଡିଏସଓ କୁହୁଡ଼ି, ବର୍ଷା ଏବଂ ଖରାପ ପାଗ ସମୟରେ ଲୋକୋ ପାଇଲଟମାନଙ୍କୁ ସହାୟତା କରିବା ପାଇଁ ଟିଆରଆର-ନେତ୍ର (ଟ୍ରେନ୍ ଇମେଜିଂ ଫର ଲୋକୋମୋଟିଭ୍ ହ୍ୱାଇଚର୍ସ - ଇନଫ୍ରା-ନେତ୍, ଏନହାନ୍ସଡ୍ ଅପ୍ଟିକାଲ୍ ଆଣ୍ଡ ରେଞ୍ଜିଂ ଡିଭାଇସ୍ ଆସିଷ୍ଟେଣ୍ଟ)ର ବିକାଶ ହାତକୁ ନେଇଛି । ଏହି ସିଷ୍ଟମରେ ଅପ୍ଟିକାଲ୍ କ୍ୟାମେରା, ଇନଫ୍ରା-ରେଡ୍ କ୍ୟାମେରା ଏବଂ ରେଞ୍ଜିଂ ଡିଭାଇସ୍ (ଯଥା ରାଡାର/ଲିଡାର୍) ଏବଂ ଏଆଇ ରହିଛି ଯାହା ଦ୍ୱାରା ଲୋକୋ ପାଇଲଟମାନଙ୍କୁ ସହାୟତା କରିବା ପାଇଁ ଏକ ଶିଅର ଚାଇଲ୍ଡ, ଉନ୍ନତ ଦୃଷ୍ଟି ପ୍ରଣାଳୀ ସୃଷ୍ଟି କରାଯାଇପାରିବ । ଏଆଇ ଓ ଡାଟା-ଚାଳିତ ପ୍ରଯୁକ୍ତି ସମେତ ସୂକ୍ଷ୍ମ କ୍ୟାମେରା ନିୟୋଜନଯୋଗ୍ୟ ଓ ବିସ୍ତାରଯୋଗ୍ୟ ସମାଧାନର ବିକାଶ ଲାଗି ଭାରତୀୟ ରେଳବାଇ ପକ୍ଷରୁ ରେଳ ପ୍ରଯୁକ୍ତି ନୀତି ନାମକ ଏକ ନୂଆ ନୀତି ଫେବୃଆରୀ ୨୬, ୨୦୨୬ରୁ ଲାଗୁ କରାଯାଇଛି । ଏହା ସହିତ ଉଦ୍ଭାବକ ଓ ଷ୍ଟାର୍ଟଅପମାନଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବାକୁ ଏକ ପୋର୍ଟାଲ (https://railtech.indianrailways.gov.in) ଆରମ୍ଭ ହୋଇଛି । ଏହି ନୀତିରେ ଥିବା ବ୍ୟବସ୍ଥା ଅନୁସାରେ ଉଦ୍ଭାବକମାନେ ଗୋଟିଏ ପର୍ଯ୍ୟାୟରେ ସବିଶେଷ ପ୍ରସ୍ତାବ ଦାଖଲ କରିପାରିବେ । ରେଳ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ଉଦ୍ଭାବକଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଚ୍ୟାଲେଞ୍ଜ ପାଇଁ ପ୍ରସ୍ତାବ ଦାଖଲ ନିମନ୍ତେ ବ୍ୟବସ୍ଥା ରହିଛି । ଭାରତୀୟ ରେଳବାଇ ଏବଂ ଉଦ୍ଭାବକଙ୍କ ମଧ୍ୟରେ ୫୦:୫୦ ମୂଲ୍ୟ-ବଂଟନ ଆଧାରରେ ପାଣ୍ଠି ପ୍ରଦାନର ବ୍ୟବସ୍ଥା ରହିଛି । ଏଥିରେ ପ୍ରୋଟୋଟାଇପ୍ ବିକାଶ ଏବଂ ପରୀକ୍ଷଣ ପାଇଁ ସର୍ବାଧିକ ଅନୁଦାନ ପ୍ରଦାନର ବ୍ୟବସ୍ଥା ରହିଛି । ଅନ୍ୟପକ୍ଷରେ ସଂପ୍ରସାରିତ ପରୀକ୍ଷଣ ଓ ବିସ୍ତାର ଲାଗି ମଧ୍ୟ ଅନୁଦାନର ବ୍ୟବସ୍ଥା ରହିଛି । ଏହି ପ୍ରସ୍ତାବିତ ନ

ଦୈନିକ
# ଆରମ୍ଭ
SEITHO ARAMBHA
ଶୁକ୍ରବାର, ୧୩ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

## ପଡ଼ିଆରେ ରୋମାନ୍ସ କରି ଅଡୁଆରେ ଟିମ୍ ଇଣ୍ଡିଆ ଅଲରାଉଣ୍ଡର

ନୂଆଦିଲ୍ଲୀ, ୧୨/୩(ନ୍ୟୁ.ଏ): ଲଣ୍ଡନରେ ତିରଙ୍ଗା, ପ୍ରେମିକାଙ୍କୁ କିସ କରି ଫସିଗଲେ ହାର୍ଦ୍ଦିକ ପାଣ୍ଡ୍ୟା । ବିଶ୍ୱକପ୍ ଜିତିଗଲା ଭାରତ ହେଲେ ଫସିଗଲେ ପାଣ୍ଡ୍ୟା । ଭାରା ପଡିଆରେ ଧୁମ୍ ନାଚିଲେ, ଧୁମ୍ ହେଉଁଲେ । ଲଣ୍ଡନରେ ତିରଙ୍ଗା ପକାଇ ପ୍ରେମିକାଙ୍କୁ ବୁଷା ଦେଲେ । ଏତେବେଳେ ଜେଜାନି ହୋଇ ଜୁଲିଗଲେ ଜାତୀୟ ପତାକାକୁ । କେମିତି ସମ୍ଭାଳ ଦିଆଯାଏ, କେମିତି ତାହାର ମର୍ଯ୍ୟାଦା ରଖାଯାଏ । ଆଉ ଏବେ ସେଇ ଭାରାଗାଇ ଜିତିବା ପାଇଁ ଫସିଯାଇଛନ୍ତି ବିଶ୍ୱ ବିଜେତା ଭାରତୀୟ ଟିମର ତପ୍ ଜେଜାନି ପାଣ୍ଡ୍ୟା । ସୁଣ୍ଡେର ଜଣେ ଆଜନବୀଙ୍କ ତାଙ୍କ ବିରୋଧରେ ଏଫଆଇଆର ଦେଇଛନ୍ତି । ବିଜୟ ଉତ୍ସବ ବେଳେ ଭାରତର ଜାତୀୟ ପତାକାକୁ ଅପମାନ କରିଥିବା ଓଡ଼ିଶା ଜଣଙ୍କ ଅଭିଯୋଗ କରିଛନ୍ତି । ଏନେଇ ଶିବାଜୀ ନଗର ପୁଲିସ ଷ୍ଟେସନରେ ବିଧିବଦ୍ଧ ଭାବେ ଅଭିଯୋଗ ଦାଖଲ କରାଯାଇଛି । ରବିବାର ଭାରତ ଅମନଦାବାଦରେ ଟି-୨୦ ବିଶ୍ୱକପ ରେକର୍ଡ ତୃତୀୟ ଥର ପାଇଁ ଜିତିଥିଲା । ଏହି ବିଜୟକୁ ବିବାଦୀୟ ଭଙ୍ଗରେ ସେଲିବ୍ରେଟ କରିଥିବା ହାର୍ଦ୍ଦିକଙ୍କ ନାଁରେ ମାମଲା ରୁଜୁ ହୋଇଛି । ଅଭିଯୋଗକାରୀ ନିଜ ଏଫଆଇଆରରେ ଦର୍ଶାଇଛନ୍ତି ଯେ ପାଣ୍ଡ୍ୟା ଭାରତୀୟ ଟିମର ବିଜୟ ପରେ ଜାତୀୟ ପତାକାକୁ ନିଜ ପିଠିରେ ପକାଇଥିଲେ । ଚିହ୍ନିତ ଛାଞ୍ଚ ଭୁଲି ଯାଇଥିଲେ । ଏହାକୁ ଦେଖରେ ଗୁଡ଼ାଇ ନିଜର ଗର୍ଲଫ୍ରେଣ୍ଡ ମାହିକା ଶର୍ମାଙ୍କୁ ଭୁଲିରେ ଶୋଇରଖି ଚୁମ୍ବନ ଦେଇଥିଲେ । ମାହିକାଙ୍କ ସହ ପତାକାକୁ ଡଳେ ପାରିବେର ଷ୍ଟେଜରେ ଶୋଇ ପଡ଼ିଥିଲେ । ଯାହାକି ଆମ ଜାତୀୟ ସମ୍ବଳର ମାନ ଖୁର୍ଜ କରିଛି ବୋଲି ସେ ଅଭିଯୋଗ କରିଛନ୍ତି । ଜାତୀୟ ପତାକା ଆଇନର ଧାରା ୨ ଅନୁଯାୟୀ ଆମକୁ ଜାତୀୟ ପତାକାର ସମ୍ମାନ ଓ ମର୍ଯ୍ୟାଦାକୁ ଗୁରୁତ୍ୱ ଦେବାକୁ ପଡ଼ିବ । କିନ୍ତୁ ହାର୍ଦ୍ଦିକ ପାଣ୍ଡ୍ୟା ସେଲିବ୍ରେସନରେ ଏତେ ମାତ୍ରାରେ ବୁଡ଼ି ଯାଇଥିଲେ ଯେ ସେ ନିଜ ଗର୍ଲଫ୍ରେଣ୍ଡ ସହ ପତାକା ପିଠିରେ ବାନ୍ଧି ତଳେ ଶୋଇ ପଡ଼ିଥିଲେ । ଯାହା ଗୋଟିଏ ସାମାଜିକ ଅଭିଯୋଗ । ରବିବାର ଭାରତ ୨୬ ରନରେ ନ୍ୟୁଜିଲାଣ୍ଡକୁ ହରାଇଥିଲା । ଭାରତ ବିଜୟ ହେବା ପରେ ପାଣ୍ଡ୍ୟା ଗର୍ଲଫ୍ରେଣ୍ଡ ମାହିକାଙ୍କ ସହ ପଡ଼ିଆ ସାରା ବୁଲିବୁଲି ସେଲିବ୍ରେଟ କରିଥିଲେ । ଏହାର ଏକାଧିକ କ୍ଲିପ୍ସ ମଧ୍ୟ ସାମ୍ନାକୁ ଆସିଛି । ଗୋଟିଏ କ୍ଲିପରେ ପାଣ୍ଡ୍ୟା ଓ ମାହିକା ଏକାଠି ପୋଡ଼ିୟମ ଉପରେ ଶୋଇଥିବା ଦେଖାଯାଇଛି । ଏହି ସମୟରେ ତାଙ୍କ ପିଠିରେ ଜାତୀୟ ପତାକା ରହିଥିବା ମଧ୍ୟ ଦେଖିବାକୁ ମିଳିଥିଲା ।

## ହର୍ମୁଜ୍ ପ୍ରଣାଳୀ ପାର ହୋଇ ମୁମ୍ବାଇ ପହଂଚିଲା ପ୍ରଥମ ତୈଳ ଟ୍ୟାଙ୍କର୍

ନୂଆଦିଲ୍ଲୀ, ୧୨/୩(ନ୍ୟୁ.ଏ): ପଶ୍ଚିମ ଏସିଆରେ ଲଗାତ, ଆମେରିକା ଓ ଇସ୍ରାଏଲ ମଧ୍ୟରେ ଜାରି ଯୁଦ୍ଧ ଦେଖିଲେ ଶକ୍ତି ସଙ୍କଟକୁ ବଢାଇ ଦେଇଛି । ଅନେକ ଦେଶର ଜାହାଜ ଏହି ସମୟରେ ହୋର୍ମୁଜ ଅଞ୍ଚଳରେ ଫସି ରହିଛନ୍ତି । ଏହି ମଧ୍ୟରେ ସାଉଦୀ ଆରବରୁ ଅଶୋଧିତ ତୈଳ ନେଇ ଭାରତ ଆସୁଥିବା ଏକ ଜାହାଜ ହୋର୍ମୁଜରୁ ସୁରକ୍ଷିତ ରୂପେ ଭାରତରେ ଆସି ପହଂଚିଛି । ଯୁଦ୍ଧ ଆରମ୍ଭ ହେବା ପରେ ଏହି ରାସ୍ତାରେ ସୁରକ୍ଷିତ ଆସି ଭାରତରେ ପହଂଚିବା ଏହା ପ୍ରଥମ ଜାହାଜ ହୋଇ ପାରିଛି । ଡିୟୁଷାନଟାଇମ୍ସର ରିପୋର୍ଟ ମୁତାବିକ, ଲାଇବେରିଆର ପତାକା ଥିବା ସ ସେନଲାଇ୍ ସ୍ୱେଜମ୍ୟାକ ନାମକ ଏକି ଜାହାଜ ୧ ମାର୍ଚ୍ଚରେ ସାଉଦୀ ଆରବର ରାସ ତନୁରା ପୋର୍ଟରୁ ଅଶୋଧିତ ତୈଳ ଲୋଡ୍ କରିଥିଲା । ଏହାପରେ ଏହା ୩ ମାର୍ଚ୍ଚରେ ସେଠାରୁ ପ୍ରସ୍ଥାନ କଲା । ହୋର୍ମୁଜ ପ୍ରଣାଳୀରେ ଲଗାତାର ସଂଘର୍ଷ ଯୋଗୁଁ ଏହି ଜାହାଜ ସେଠାରେ ଫସି ରହିଥିଲା । ଏହାପରେ ୮ ମାର୍ଚ୍ଚରେ ଷ୍ଟେଟ୍ ଅଫ୍ ହୋର୍ମୁଜ ଭିତରେ ଥିଁ ଏହାର ଶେଷ ସିଗନାଲ ମିଳିଲା ଏବଂ ପୁଣି ତାହା ଟ୍ରାକିଂ ସିଷ୍ଟମରୁ ଗାୟବ ହୋଇଗଲା । ଏହା ଏହି ଜାହାଜ ସଙ୍କେତ ଯେ, ଜାହାଜର କୁ ବିପଜ୍ଜନକ ଅଂଚଳ ମଧ୍ୟ ଦେଇ

ଯାଉଥିବା ବେଳେ ନିଜର ଅଟୋମେଟିକ୍ ଆଇଡେଂଟିଫିକେସନ ସିଷ୍ଟମ (ଏଆଇଏସ)କୁ ବନ୍ଦ କରିଦେଇ ଥିଲା । ସାମୁଦ୍ରିକ ଜାହାଜ ଲାଗାରେ ଏହାକୁ ଗୋଟେ ଡାର୍କ କହନ୍ତି । ଆପଣଙ୍କୁ ଜଣାଇ ଦେଉଛୁ ଯେ, ଏଆଇଏଏସ୍ ସାଧାରଣ ଭାବେ ଜାହାଜକୁ ଚିହ୍ନିଟ କରିବା , ଲୋକେସନ ଦିଗ ଓ ଗତିର ସୂଚନା ପ୍ରସାରିତ କରିବା ପାଇଁ ଚାଲୁ ରଖାଯାଇ ଥାଏ । ଅନ୍ତର୍ଜାତୀୟ ନିୟମାନୁସାରେ, ସାଧାରଣ ପରିସ୍ଥିତି ଗୁଡ଼ିକର ସ୍ଥିତିରେ ଏହାକୁ ଚାଲୁ ରଖିବା ଅନିବାର୍ଯ୍ୟ ହୋଇଥାଏ । ହେଲେ ଯୁଦ୍ଧ କିମ୍ବା ସଂଘର୍ଷ ଥିବା କ୍ଷେତ୍ରରେ ଏତରେ ନଜରରୁ ରକ୍ଷା ପାଇବା ପାଇଁ ଅନେକ ଥର ଏହାକୁ ବନ୍ଦ ମଧ୍ୟ କରିଦିଆ ଯାଏ, ଯାହାକି ଜାହାଜକୁ ଟ୍ରାକ ହେବାରୁ ରକ୍ଷା ଯାଇ ପାରିବ । ମୁମ୍ବାଇ ପୋର୍ଟ ଅଥୋରିଟିର ଡେପୁଟୀ କଣ୍ଟ୍ରୋଲରେଟର ପ୍ରବୀଣ ସିଂହଙ୍କ ମୁତାବିକ , ସାଉଦୀ ଆରବରୁ ଆସୁଥିବା ଏହି ଜାହାଜରେ ୧,୩୫,୩୩୫ ମେଟ୍ରିକ୍ ଟନ୍ ଅଶୋଧିତ ତୈଳ ଅଛି, ବର୍ତ୍ତମାନ ଏହା ଜବାହର ଦ୍ୱୀପ ଟର୍ମିନାଲରେ ଠିଆ ହୋଇଛି । ଏହାର ତୈଳକୁ ପୂର୍ବ ମୁମ୍ବାଇର ମାଙ୍ଗୁଲ କ୍ଷେତ୍ରର ରିଫାଇନାରୀ ଗୁଡ଼ିକୁ ପଠାଯିବ । ଏହାପ୍ରତି ତୈଳ ଅନଲୋଡିଂ କରିବାରେ ଏବେ ୩୬ ଘଂଟାର ସମୟ ଲାଗିବ । ଅଧିକାରୀଙ୍କ ମୁତାବିକ ଏହି ଜାହାଜରେ ୨୯ ସଦସ୍ୟ ବିଶିଷ୍ଟ କୁ ଅଛନ୍ତି, ଯେଉଁଥିରେ ଭାରତୀୟ, ପାକିସ୍ତାନୀ ଓ ପାଲେଷ୍ଟିନୀୟ ନାବିକ ସାମିଲ ଅଛନ୍ତି । ଜାହାଜର କ୍ୟାପଟେନ ସୁଶାନ୍ତ ସିଂହ ଷଷ୍ଠ ଅଛନ୍ତି । ସେମାନଙ୍କୁ ସ୍ୱେଜମ୍ୟାକ ନାମକ ଏହି ଜାହାଜ ତ ଭାରତରେ ପହଂଚି ଗଲା, ହେଲେ ସାଉଦୀ ଆରବରୁ ଭାରତର କଣ୍ଡଲା ପୋର୍ଟ ଆସୁଥିବା ମୟୁରା ନାମୀ ନାମକ ଏକ ଆଲ ଜାହାଜ ଉପରେ ଆକ୍ରମଣ ହୋଇଛି । ପ୍ରୋଜେକ୍ଟାଇଲ ଦ୍ୱାରା କରାଯାଇଥିବା ଏହି ଆକ୍ରମଣ ଲାଇଣ୍ଡରୁ ଏଥିରେ ନିର୍ଥା ନାମି ଯାଇଥିଲା, ଏଥର ୩ ଜୁ ସବସ୍ଥ ଏବେ ବି ନିରୋଖ ଅଛନ୍ତି । ଉଲ୍ଲେଖନୀୟ ଯେ, ଭାରତ ସରକାରଙ୍କ ସୂତ୍ରାନୁସାରେ କୁହାଯାଇ ଥିଲା ଯେ,ଇରାନୀ ବୈଦେଶିକ ମନ୍ତ୍ରୀ ଓ ବୈଦେଶିକ ମନ୍ତ୍ରୀ ଜୟଶଙ୍କରଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତା ପରେ, ଭାରତ ଭାରତୀୟ ଜାହାଜ ଗୁଡ଼ିକୁ ହୋର୍ମୁଜରୁ ଶାନ୍ତିର ସହ ବାହାରିବାକୁ ଅନୁମତି ଦେଇଛି । ହେଲେ ଇରାନ ପକ୍ଷର ଏବେସୁଦ୍ଧା ଏପରି ଗୋଟିଏ ସୂଚନା ସାମ୍ନାକୁ ଆସିନାହିଁ ।

## ପାକିସ୍ତାନର ଶିଙ୍ଗ ସମ୍ରାଜ୍ୟକୁ ଶକ୍ତ ଝଟ୍‌କା ; ଗ୍ୟାସ୍ ପାଇପଲାଇନ୍ ଓ ଟ୍ୟାଙ୍କରକୁ ଉଡ଼ାଇଲେ ବଲୁଚ ବିଦ୍ରୋହୀ

ନୂଆଦିଲ୍ଲୀ, ୧୨/୩(ନ୍ୟୁ.ଏ): ସାରା ବିଶ୍ୱରେ ଇନ୍ଧନ ସଙ୍କଟ ଉଦ୍ଭବ ହୁଥିବା ବେଳେ ପାକିସ୍ତାନ ଏବେ ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି । ବଲୁଚିସ୍ତାନର ସ୍ୱାଧୀନତା ପାଇଁ ଲଢ଼ୁଥିବା ସଂଗଠନଗୁଡ଼ିକ ପଶ୍ଚିମ କରାଯାଇଥିବା ସିରିଜ୍ ଆକ୍ରମଣରେ ପାକିସ୍ତାନୀ ସେନା ଛତ୍ରଭଙ୍ଗ ହେଇଥିବା ବେଳେ ଦେଶର ଅର୍ଥନୀତିର ମେରୁଦଣ୍ଡ କୁହାଯାଉଥିବା ଗ୍ୟାସ୍ ଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି । ବଲୁଚ୍ ରିପବ୍ଲିକାନ୍ ଗାର୍ଡସ୍ (ବିଆରଜି) ବୁଧବାର ସନ୍ଧ୍ୟାରେ ସିନ୍ଧ ପ୍ରଦେଶର କାଶମୋର ଅଂଚଳରେ ଏକ ଭୟଙ୍କର ବିସ୍ଫୋରଣ କରିଛି । ସୁଇ ଗ୍ୟାସ୍ କ୍ଷେତ୍ରରୁ କରାଚୀକୁ ଲାନ୍ଧନ ନେଇଯାଉଥିବା ୩୬ ଇଂଚର ପ୍ରମୁଖ ପାଇପଲାଇନକୁ ବିସ୍ଫୋରକ ଦ୍ୱାରା ଉଡ଼ାଇ ଦିଆଯାଇଛି । ବିଆରଜି ମୁଖପାତ୍ର ଦୋଷ୍ତାଇନ୍ କଲୁଚ୍ କହିଛନ୍ତି ଯେ, ବଲୁଚିସ୍ତାନର ପ୍ରାକୃତିକ ସମ୍ପଦକୁ ପାକିସ୍ତାନ ସରକାର ଯେଉଁ ଶୋଷଣ କରୁଛନ୍ତି, ଏହା ତାହାର ଜବାବ । ଅନ୍ୟପଟେ, ବଲୁଚିସ୍ତାନ ଲିବରେସନ ଫ୍ରଂଟ (ବିଏଲଏଫ୍) ସେନା ବିରୁଦ୍ଧରେ ଏକ ବଡ଼ ଅପରେସନ ଆରମ୍ଭ କରିଛି । ଟମ ଅଂଚଳର ଆପସି ଖାନଠାରେ ଥିବା ପାକିସ୍ତାନୀ ସାମରିକ ଚେକପୋଷ୍ଟକୁ ଗଛିଯାଇ ଦି ଏଲଏଫ୍ ଯୋଦ୍ଧାମାନେ ଉଦ୍ଦେଶ୍ୟ, ମୋର୍ଟାର ଓ ସ୍ନାଇପର ରାଇଫଲ୍‌ରେ ପ୍ରଚଣ୍ଡ ଗୁଳିବର୍ଷା କରିଥିଲେ । ଏହି ଲାୟଙ୍କର ରକ୍ତପାତରେ ୧୫ ଜଣ ପାକିସ୍ତାନୀ ସୈନିକ ପ୍ରାଣ ହରାଇଥିବା ବେଳେ ଅନେକ ଗୁରୁତର ଆହତ ହୋଇଛନ୍ତି । ସେନା ମୃତଦେହ ଉଦ୍ଧାର କରିବାକୁ ଯାଉଥିବା ସମୟରେ ବିଦ୍ରୋହୀମାନେ ପୂର୍ବରୁ ଖାଉଁଥିବା ଆଇଇଡି ବିସ୍ଫୋରଣ କରିଥିଲେ, ଯେଉଁଥିରେ ସାମରିକ ଗାଡ଼ି ସହ ଆହୁରି ୪ ଜଣ ସୈନିକଙ୍କ ମୃତ୍ୟୁ ଘଟିଛି । ଏହା ବ୍ୟତୀତ, ତୁରବତ ନିକଟରେ ପଶ୍ଚାତ ପ୍ରଦେଶକୁ ଯାଉଥିବା ତୁଟି ଗ୍ୟାସ୍ ଟ୍ୟାଙ୍କରକୁ ବିଦ୍ରୋହୀମାନେ ନିର୍ଥା ଲଗାଇ ଲମ୍ବ କରିଦେଇଛନ୍ତି । ଏହି ଘଟଣା ପରେ ପାକିସ୍ତାନର ଶିଳ୍ପୀଂଚଳଗୁଡ଼ିକୁ ଗ୍ୟାସ୍ ଯୋଗାଣ ବନ୍ଦ ହୋଇଯାଇଥିବାରୁ ଦେଶରେ ଏକ ବଡ଼ ଧରଣର ଅର୍ଥନୈତିକ ସଙ୍କଟ ଦେଖାଦେଇଛି ।

## ଇରାନର ଦ୍ୱୀପ ଉପରେ ଆକ୍ରମଣ ହେଲେ ବୋହିବ ରକ୍ତର ନଦୀ, ଆମେରିକା-ଇସ୍ରାଏଲକୁ ତେହରାନର ଧମକ

ନୂଆଦିଲ୍ଲୀ, ୧୨/୩(ନ୍ୟୁ.ଏ): ଇରାନ ଏବଂ ଇସ୍ରାଏଲ-ଆମେରିକା ମଧ୍ୟରେ ଚାଲିଥିବା ଯୁଦ୍ଧ ଏପରି ଏକ ସ୍ଥିତିରେ ପହଂଚିଛି ଯେଉଁଠାରୁ ଯୁଦ୍ଧ ବନ୍ଦ ହେବାର ପଥ ବନ୍ଦ ହୋଇଯାଇଥିବା ପରି ମନେ ହେଉଛି । ଇରାନ ସଂସଦର ବାଚସ୍ପତି ଏମାଟି ଗାଲିବଫର ପୁଣି ଥରେ ଏକ ଆକ୍ରମଣାତ୍ମକ ଧମକ ଦେଇଛନ୍ତି, ଯାହା ବିଶ୍ୱକୁ ଚକିତ କରିଛି । ସେ ସ୍ପଷ୍ଟ ଭାବରେ ଚେତାବନୀ ଦେଇଛନ୍ତି ଯେ ଇରାନର ଖେଚୋଆ ସାର୍ଟେଲିମ୍‌ସ୍ କିମ୍ବା ଏଆର ଇଲେମେଣ୍ଟିକ ଗୁରୁତ୍ୱପୂର୍ଣ୍ଣ ଦ୍ୱୀପ ଉପରେ ଯେକୌଣସି ଆକ୍ରମଣର ପରିଣାମ ଭୟଙ୍କର ହେବ । ଏହି ବିବୃତି ଏପରି ଏକ ସମୟରେ ଆସିଛି ଯେତେବେଳେ ଏହି ଅଂଚଳରେ ବିମାନ ଆକ୍ରମଣ ଏବଂ ସାମରିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି । ଗାଲିବଫର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ନିଜ ପ୍ରସଙ୍ଗକୁ ଆହୁରି ଜଡ଼ା କରି ଲେଖିଛନ୍ତି 'ଦଦନ ୟା ମୋଟ' ବା ଜହୁନ୍ନମ କିମ୍ବା ମୃତ୍ୟୁ । ସେ ଚେତାବନୀ ଦେଇଛନ୍ତି ଇରାନ ଦ୍ୱୀପର ମାଟି ଉପରେ କୌଣସି ଆକ୍ରମଣ ଇରାନର ସବୁ ସଂସ୍ଥାନକୁ ଲାଖିଦେବ । ସେ ସିଧା ସଳଖ ଭାବରେ କହିଛନ୍ତି, ଆମେ ସବୁ ସଂସ୍ଥାନ ତ୍ୟାଗ କରିଦେବୁ ଓ ଆକ୍ରମଣକାରୀଙ୍କ ରକ୍ତରେ ପଶିଆନ୍ ଉପସାଗରକୁ ଲାଲ କରିଦେବୁ । ଗାଲିବଫର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ବ୍ୟକ୍ତିଗତ ଭାବରେ ଚେତାବନୀ ଦେଇଛନ୍ତି ଏହି କ୍ଷେତ୍ରରେ ଆମେରିକୀୟ ସୈନିକଙ୍କ ରକ୍ତ ବୋହିବା ପାଇଁ ଟ୍ରମ୍ପ ଦାୟୀ ରହିବେ । ଏହି ଧମକ ଏପରି ସମୟରେ ଆସିଛି ଯେତେବେଳେ ଇସ୍ରାଏଲ ଏବଂ ଆମେରିକା ଇରାନ

ବିରୁଦ୍ଧରେ ବିମାନ ଆକ୍ରମଣ ଜାରି ରଖିଛନ୍ତି । ଇରାନ ଭୟ କରୁଛି ଯେ ଏହାର ଗୁରୁତ୍ୱପୂର୍ଣ୍ଣ ଶକ୍ତି-ଭିତ୍ତିକ ଦ୍ୱୀପପୁଞ୍ଜ, ଯେପରିକି ଖାର୍ଗ ଦ୍ୱୀପ କିମ୍ବା ଅନ୍ୟାନ୍ୟ ଉପସାଗରୀୟ ଦ୍ୱୀପକୁ କବଜା କିମ୍ବା ଧ୍ୱଂସ କରିବାକୁ ଚେଷ୍ଟା କରାଯାଇପାରେ । ଗାଲିବଫର ଭୟ ଦେଇ କହିଛନ୍ତି ଯେ ଏହି ଦ୍ୱୀପ ଉପରେ ଆକ୍ରମଣ ଇରାନ ପାଇଁ ଏକ 'ରେଡ୍ ଲାଇନ୍' , ଯଦି ଏହା ଅତିକ୍ରମ କରାଯାଏ, ତେବେ ଇରାନ ବିନା ପ୍ରତିଶୋଧରେ ଜବାବ ଦେବ । ଅନ୍ୟପକ୍ଷେ ଇରାନର ନୂତନ ସୁପ୍ରିମ ଲିଡର ମୁଜତବା ଖାମେନେଇଙ୍କ ପ୍ରଥମ ପ୍ରତିକ୍ରିୟା ଆସିଛି । ସେ କହିଛନ୍ତି, ପ୍ରତ୍ୟେକଟି ମୃତ୍ୟୁର ପ୍ରତିଶୋଧ ନିଆଯିବ । ତାଙ୍କର ମୁଜତବା ଏଜୁଡ଼ରେ ବିଶ୍ୱୋତ୍ତର ରଷ୍ଟ୍ରଦୂତ ରିପୋର୍ଟ ମଧ୍ୟ ଆମେରିକାରେ ଉତ୍ତେଜନା ବୃଦ୍ଧି କରିଛି ।

## ଅବିମୁକ୍ତେଶ୍ୱରାନନ୍ଦଙ୍କୁ ଭେଟିଲେ ଅଖିଳେଶ ଯାଦବ

ନୂଆଦିଲ୍ଲୀ, ୧୨/୩(ନ୍ୟୁ.ଏ): ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଗୁରୁବାର ଦିବାଦୀୟ ଶଙ୍କରାଚାର୍ଯ୍ୟ ଅବିମୁକ୍ତେଶ୍ୱରାନନ୍ଦଙ୍କୁ ଲଖ୍ନୌଠାରେ ଭେଟିଛନ୍ତି । ଏହି ଅବସରରେ ସେ ସ୍ୱାମିଜୀଙ୍କୁ ଜାତୀୟ ପତାକା ଉପହାର ଦିଆଯାଇଥିଲେ । ତାଙ୍କ ସହ ପୂର୍ବତନ ସାଂସଦ ଅନୁ ଟଣ୍ଡନ ମଧ୍ୟ ଥିଲେ । ଶଙ୍କରାଚାର୍ଯ୍ୟ ବିବାହକୁ ନେଇ ଭାଜପା ଓ ଯୋଗୀ ସରକାର ବିରୋଧରେ ବିରୋଧୀ ଏକ ମୋର୍ଚ୍ଚା କରୁଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ, ଶଙ୍କରାଚାର୍ଯ୍ୟ ଅବିମୁକ୍ତେଶ୍ୱରାନନ୍ଦ ଗତ ମାର୍ଚ୍ଚ ୭ ତାରିଖରେ ବାରାଣସୀରେ ଗୋ-ପ୍ରତିଷ୍ଠା ଜନଜାଗରଣ ଅଭିଯାନ ଆରମ୍ଭ କରିଥିଲେ । ଜୌନପୁର, ସୁଲତାନପୁର, ସୀତାପୁର ହେଉ ମାର୍ଚ୍ଚ ୧୦ ତାରିଖରେ ସେ ଲଖ୍ନୌରେ ପହଂଚିଥିଲେ । ସେଠାରେ ବୁଧବାର ଗୋ-ପ୍ରତିଷ୍ଠା ଜନଜାଗରଣ ଅଭିଯାନର ଶଙ୍ଖନାଦ କରିଥିଲେ । ଏହି ଅବସରରେ ସେ ବଡ଼ ଘୋଷଣା ବି କରିଥିଲେ । ଅବିମୁକ୍ତେଶ୍ୱରାନନ୍ଦ କହିଛନ୍ତି, ସେ ୫୨ ଦିନର ଯାତ୍ରା ପରେ ମେ ୩ ତାରିଖରୁ ଜୁଲାଇ ୨୩ ପର୍ଯ୍ୟନ୍ତ ୮୧ ଦିନ ଭାରତପ୍ରଦେଶ ପରିକ୍ରମା କରିବେ । ଏହାର ନାମ ହେବ ଗରିବୀ ଯାତ୍ରା । ସମାପନ ଓ ସମାପନ ଗୋରଖପୁରରେ ହେବ । ଜୁଲାଇ ୨୪ରେ ଏହି ମଂଚରେ ପୁଣି

ଉପସ୍ଥିତ ହେବେ । ଶେଷରେ ଶଙ୍କରାଚାର୍ଯ୍ୟ ଚତୁରଙ୍ଗିଣୀ ସେନା ଗଠନ କରିବାର ବି ଘୋଷଣା କରିଛନ୍ତି । ସେ କହିଛନ୍ତି, ଗୋ-ହତ୍ୟା ରୋକିବା ଓ ସନାତନ ଧର୍ମର ରକ୍ଷା ପାଇଁ ଲୋକମାନେ ଆଗକୁ ଆସିବେ । ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ କାହାର ନାମ ନ ନେଇ ରାଜ୍ୟ ସରକାରଙ୍କ ଉପରେ ଚେତଣା ବାଣ ଛାଡ଼ିଥିଲେ । ଲାଂଶୀରାମ ସ୍ମୃତି ଉପବନରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ କହିଛନ୍ତି, ଶଙ୍କରନାଦ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ୨୬ଟି ସର୍ତ୍ତ ସହ ସରକାର କାର୍ଯ୍ୟକ୍ରମ ପାଇଁ ଅନୁମତି ଦେଇଛନ୍ତି । ଶ୍ରୀମିଶ୍ର କହିଛନ୍ତି, ଆମେ ଜୌନପୁରଠାରୁ ଆଗକୁ କଲୁଛୁଁ, କୌଣସି ବଳର ବିରୋଧ ବା ସମ୍ମାନ କଲୁନାହିଁ । ଆମେ କେବଳ ଲୋକଙ୍କ ପାଖକୁ ଯିବୁ, ସେମାନଙ୍କୁ ବୁଝାଇବୁ, ଯେଉଁମାନେ ଗାଈ ପାଇଁ କାମ କରୁଛନ୍ତି, ସେମାନଙ୍କୁ ରୋଟ ଦିଅନ୍ତୁ । ଶଙ୍କରାଚାର୍ଯ୍ୟ ସୁପ୍ରିମ୍‌କୋର୍ଟ, ମହାମଣ୍ଡଳେଶ୍ୱର ଜାଲକୋର୍ଟ ଓ ସାଧୁସନ୍ତ ଲେଖର ଗୋର୍ଟ- ଏହା ଆମର ହିନ୍ଦୁ ପଦ୍ଧତି ବୋଲି ଶଙ୍କରାଚାର୍ଯ୍ୟ ଅବିମୁକ୍ତେଶ୍ୱରାନନ୍ଦ କହିଛନ୍ତି । ସେ କହିଛନ୍ତି ଗୋ-ଗୁରୁଙ୍କ ଅପମାନ କରୁଥିବା ଲୋକ ନିଶ୍ଚାଚର (ରାକ୍ଷସ) । ସେ କାହାର ନାଁନ ନେଇ କହିଛନ୍ତି- ତୁମ ସହ ଆମର ସମ୍ପର୍କ ଗୋଟିଏ ଓ ତାହା ହେଉଛି ଯୁଦ୍ଧର । ସ୍ୱାମିଜୀ ଯୋଗୀ ଆଦିତ୍ୟନାଥଙ୍କୁ ପରୋକ୍ଷ ସମାଲୋଚନା କରି କହିଛନ୍ତି, ସମ୍ପ୍ରଦାୟର ବସ୍ତ୍ର (ଗେରୁଆ) ଧାରଣ କରିବା ପରେ କେହି ପ୍ରଫେସର, ସାଂସଦ, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ହେଉଛନ୍ତି । ଏହା ଚଳିବ ନାହିଁ । ଆମର ଗେରୁଆ ବସ୍ତ୍ର କାହିଁ ଚଳୁନିଲା । ସନାତନ ଧର୍ମ ଜୀବନରେ ମମମାନି ପାଇଁ ଅମୂହାତି ଦିଏ ନାହିଁ । ଏହି କାର୍ଯ୍ୟକ୍ରମରେ ପ୍ରବେଶ କଂଗ୍ରେସ ଅଧ୍ୟକ୍ଷ ଅଜୟ ରାୟ, ଲଖ୍ନୌ ମଧ୍ୟର ବିଧାୟକ ରବିଦାସ ମେହରୋତ୍ରା, ପୂର୍ବ ପିସିଏସ୍ ଅଧିକାରୀ ଅଙ୍କଳାର ଅସ୍ତିଜୋତ୍ରୀ ଓ ସନ୍ତ ସମାଜର ପ୍ରତିନିଧି ସାମିଲ ଥିଲେ ।

## ହକି ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ: ସେମିରେ ଭାରତ

ହାଇଦ୍ରାବାଦ: ଏଠାରେ ଚାଲିଥିବା ହକି ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟର ସେମିଫାଇନାଲରେ ଭାରତ ପ୍ରବେଶ କରିଛି । ବୁଧବାର ଗ୍ରୁପ୍-ବି'ର ଶେଷ ଲିଗ୍ ମ୍ୟାଚ୍‌ରେ ଭାରତ ୩-୧ ଗୋଲ୍‌ରେ ଚ୍ଲେଜ୍‌ସ୍‌କୁ ପରାସ୍ତ କରିଛି । ଏଥିସହ ଭାରତ ୩ ମ୍ୟାଚ୍‌ରୁ ୨ ବିଜୟ ଓ ୧ ଅମୀମାଂସିତରୁ ୭ ପଏଂଟ୍ ପାଇ ଦ୍ୱିତୀୟ ସ୍ଥାନରେ ରହି ଏହି ସ୍ଥାନ ପକ୍କା କରିଛି । ମ୍ୟାଚ୍‌ର ସପ୍ତମ ମିନିଟ୍‌ରେ ସାକ୍ଷୀ ରାଣୀଙ୍କ ଗୋଲ୍‌ରେ ଭାରତ ପ୍ରାରମ୍ଭିକ



ଅଗ୍ରଣୀ ନେଇଥିଲା । ଦ୍ୱିତୀୟ ଓ ତୃତୀୟ କ୍ୱାର୍ଟରରେ ନବନୀତ କୌର (୨୯, ୩୪ ମିନିଟ୍) ଦୁଇଟି ପେନାଲ୍‌ଟି କର୍ଣ୍ଣର ଗୋଲ୍ ଦେଇ ଭାରତକୁ ୩-୦ରେ ଆଗରେ ରଖିଥିଲେ । ତେବେ ୩୧ତମ ମିନିଟ୍‌ରେ ଚ୍ଲେଜ